# ୪୫୦ ଲିଟର ମଦ ଜବତ



**ସେମିଲିଗୁଡ଼ା, ୯।୪(ସମିସ):** କୋରାପୁଟ ଜିଲ୍ଲାର ସେମିଲିଗୁଡ଼ା ପୁଲିସ ଦ୍ୱାରା ୪୫୦ ଲିଟର ମଦ ଜବତ କରି ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏଏସଆଇ ବ୍ୟୋମକେଶ ଧାଙ୍ଗଡାମାଝି ସଂଧ୍ୟାକାଳୀନ ପାଟ୍ରୋଲିଂ ପାଇଁ ଥାନାର କନଷ୍ଟେବଲ ସଞ୍ଜୟ ନାୟକ, ବିନୋଦ ଖିଲ, ହୋମଗାର୍ଡ ପିତାମ୍ବର ଖରା, ଡ୍ରାଇଭର ରାଜୀବ ନାୟକଙ୍କୁ ସାଙ୍ଗରେ ଧରି ପାଟ୍ରୋଲିଂ ଓ ଯାନବାହନ ତଦାରଖ କରୁଥିଲେ। ଏହି ସମୟରେ ଦାମନଯୋଡି ଛକଠାରେ ପଟାଙ୍ଗି ଆଡୁ ଆସୁଥିବା ବୋଲୋରୋ ଗାଡିକୁ ଅଟକାଇ ଯାଞ୍ଚ କଲାବେଳେ ସେଥିରେ ମଦ ଥିବା ଜଣାପଡ଼ିଥିଲା। ଗାଡିରେ ଡ୍ରାଇଭର ଓ ଜଣେ ବ୍ୟକ୍ତି ଥିଲେ। ମଝି ଓ ପଛସିଟରୁ ୧୫ଟି ଜରିବ୍ୟାଗରୁ ୨୦୦ ଏମ୍ଏଲ୍ର ୨୨୫୦ଟି ପାଉଚ ମଦ ଜବତ କରାଯାଇଥିଲା। ସମୁଦାୟ ୪୫୦ ଲିଟର ମଦ ଜବତ ହୋଇଥିଲା। ଗାଡି ଡ୍ରାଇଭର ପଟାଙ୍ଗି ବ୍ଲକର କରଞ୍ଜିଗୁଡା ଗ୍ରାମର ରବି ଖରା ଓ ପଟାଙ୍ଗୀ ଦେଶୀ ମଦଭାଟିର ସେଲ୍ସମ୍ୟାନ ତଥା ଛତିଶଗଡ଼ କାଲିକା ଗ୍ରାମର ବିପିନ କୁମାର ଗୁପ୍ତା ସ୍ୱୀକାର କରିଥିଲେ ଯେ ଏହି ମଦ ସେମାନେ ବେଆଇନ ଭାବରେ ସେମିଲିଗୁଡ଼ାର ଜଣେ ବ୍ୟକ୍ତିଙ୍କୁ ବିକ୍ରି ପାଇଁ ଦେବାକୁ ନେଉଥିଲେ। ଅନ୍ୟ ପୁଲିସଙ୍କ ଉପସ୍ଥିତିରେ ଏଏସ୍ଆଇ ଧାଙ୍ଗଡାମାଝି ସମସ୍ତ ମଦପାଉଚ ଓ ବୋଲେରୋ ଜବତ କରି ଅଭିଯୁକ୍ତ ରବି ଓ ବିପିନକୁ ଥାନାକୁ ଆଣି ରିପୋର୍ଟ କରିଥିଲେ। ମାମଲା ରୁଜୁ କରି ତଦନ୍ତ ଜାରି ରହିଛି ବୋଲି ସେମିଲିଗୁଡ଼ା ଥାନା ଆଇଆଇସି ସଚିନ୍ଦ୍ର ପ୍ରଧାନ ଜଣାଇଛନ୍ତି।

■ ଫ୍ଲାଇଂ ସ୍କ୍ୱାଡ୍ର ଯାଞ୍ଚ

## ସାଢ଼େ ୩ ଲକ୍ଷରୁ ଅଧିକ ଜବତ, ତଦନ୍ତ ଜାରି

**ମାଲକାନଗିରି, ୯।୪(ସମିସ):** ରାଜ୍ୟରେ ନିର୍ବାଚନ ପ୍ରକ୍ରିୟାକୁ ଅବାଧ ଓ ହିଂସାମୁକ୍ତ କରିବା ପାଇଁ ଯାଞ୍ଚ କରାଯାଉଛି। ମାଲକାନଗିରି ଜିଲ୍ଲାରେ ମଧ ସମାନ ରୂପକ କଡା ଯାଞ୍ଚ ବ୍ୟବସ୍ଥା କରାଯାଇଛି। ଜିଲ୍ଲାଟିର ସମସ୍ତ ସୀମାରେ ସୁରକ୍ଷାକୁ ଜୋରଦାର କରାଯାଉଛି। ଏହି ଯାଞ୍ଚ ବେଳେ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଚାଲାଣଗୁଡ଼ା ନିକଟରେ ଫ୍ଲାଇଂ ସ୍କ୍ୱାଡର ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ସହାୟକ ଜିଲ୍ଲାପାଳ ଅଲେଖ ଭୋଇଙ୍କ ନେତୃତ୍ୱରେ ଯାଞ୍ଚ କାର୍ଯ୍ୟ ଚାଲୁଥିଲା ବେଳେ ମାଲକାନଗିରିରୁ ଛତିଶଗଡ଼ ଅଭିମୁଖେ ଯାଉଥିବା ଏକ ସଫାରି ଗାଡିକୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ଗାଡ଼ିରୁ ନଗଦ ୩ ଲକ୍ଷ ୭୦ ହଜାର ଟଙ୍କା ରହିଥିଲା। ଗାଡ଼ିରେ ଥିବା ଏହି ଟଙ୍କାକୁ ମାଲକାନଗିରିର ଜଣେ ବ୍ୟକ୍ତି ଚିତୁରାମ ଠାକୁର ଏବଂ ଅନ୍ୟଜଣେ ବ୍ୟବସାୟୀ ଜଗରାଜ ଭୁତଡା ନେଉଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଟଙ୍କା ଜବତ କରାଯିବା ସହ ଏମାନଙ୍କୁ ଅଟକ ରଖାଯାଇ ପୁଲିସ ପକ୍ଷରୁ ତଦନ୍ତ ଜାରି ଥିବା ଜଣାପଡ଼ିଛି।

● ସେୱା କାଗଜକଳ ସମସ୍ୟା

## ସମାଧାନ ଦାବିକଲା ମିଳିତ କ୍ରିୟାନୁଷ୍ଠାନ କମିଟି



**ଜୟପୁର, ୯।୪(ସମିସ):** ଜୟପୁରସ୍ଥିତ ମିଳିତ କ୍ରୀୟାନୁଷ୍ଠାନ କମିଟି ମଙ୍ଗଳବାର ଯୁଗ୍ମ ଶ୍ରମ କମିଶନରଙ୍କୁ ସାକ୍ଷାତକରି କାଗଜକଳ କର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରୀଙ୍କ ସମସ୍ୟା ସମାଧାନ ନେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ଶ୍ରମିକ କର୍ମଚାରୀ ମିଳିତ କ୍ରିୟାନୁଷ୍ଠାନ କମିଟିର ଅଧ୍ୟକ୍ଷ ଯୁଧିଷ୍ଠିର ରାଉଳଙ୍କ ନେତୃତ୍ୱରେ ଏକ ପ୍ରତନିଧି ଦଳ ଜୟପୁର ଶ୍ରମ କାର୍ଯ୍ୟାଳୟରେ ଯୁଗ୍ମ ଶ୍ରମ କମିଶନର ଓ ଶ୍ରମ ଅଧିକାରୀଙ୍କୁ ସାକ୍ଷାତ କରି କାଗଜ କଳ ଶ୍ରମିକମାନଙ୍କ ସମସ୍ୟା ସମାଧାନ ପାଇଁ ଦ୍ରୁତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ମିଳିତ କ୍ରିୟାନୁଷ୍ଠାନ କମିଟି ଯୁଗ୍ମ ଶ୍ରମ କମିଶନର ପରିଚାଳନା କର୍ତ୍ତୃପକ୍ଷ ବିଜିନେସ୍ ଟ୍ରାନ୍ସଫର ଏଗ୍ରିମେଣ୍ଟ (ବିଟିଏ)ରେ କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ଲାଗୁ କରିବା ପାଇଁ ଥିବା ସର୍ତ୍ତକୁ ପାଳନ କରିବା, ପାଞ୍ଚ ମାସର ଦରମା ଏବଂ ବିଟିଏ ସର୍ତ୍ତକୁ ପାଳନ କରିବା ପାଇଁ ତୁରନ୍ତ ଜେଏଲ୍ସି ସବୁ ୟୁନିଅନ୍ ଏବଂ ଅବସରପ୍ରାପ୍ତ ଶ୍ରମିକମାନଙ୍କ ପ୍ରତିନିଧିଙ୍କୁ ଡାକି ଆଲୋଚନା କରନ୍ତୁ କିମ୍ବା କାରଖାନାକୁ ଯାଇ ଆଲୋଚନା କରନ୍ତୁ ବୋଲି ଦାବି କରିଥିଲା।

■ ରୋଷେଇଘର ପାଇପରୁ ଗ୍ୟାସ୍ ଲିକ୍

## ଘରେ ଲାଗିଲା ନିଆଁ; ଆୟତ୍ତକଲା ଅଗ୍ନିଶମ ବିଭାଗ



**କୋରାପୁଟ, ୯।୪(ସମିସ)**

ପୂଜାରୀପୁଟସ୍ଥିତ ପଣ୍ଡା କଲୋନୀରେ ରୋଷେଇ କଲା ବେଳେ ଏକ ବଡ଼ ଅଘଟଣ ଘଟିଛି। ଗ୍ୟାସ ପାଇପ୍ରୁ ଗ୍ୟାସ ଲିକ୍ ହୋଇ ନିଆଁ ଲାଗି ଯାଇଥିବା ବେଳେ ତୁରନ୍ତ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ରୋଷେଇ ସାମଗ୍ରୀ, ଇନ୍ଭର୍ଟର ଓ ବ୍ୟାଟେରୀ ପୋଡି ଯାଇଥିବା ଜଣାପଡ଼ିଛି।

ଅଳ୍ପ ଦିନ ତଳେ ଗୁପ୍ତେଶ୍ୱର ସାହୁଙ୍କ ପିତାଙ୍କ ଦେହାନ୍ତ ହୋଇଥିଲା। ସାମାଜିକ କାର୍ଯ୍ୟକ୍ରମ ନିମନ୍ତେ ଘରକୁ ସମ୍ପର୍କୀୟମାନେ ଆସିଥିବା କାରଣରୁ ଘରର ପ୍ରବେଶ ଦ୍ୱାରରେ ଗ୍ୟାସ ଚୂଲାରେ ରୋଷେଇ କାର୍ଯ୍ୟ ଚାଲୁଥିବା ସମୟରେ ହଠାତ ନିଆଁ ବାହାରିବାରୁ ପରିବାର ସଦସ୍ୟମାନେ ଭୟଭୀତ ହୋଇ ଉପର ମହଲାକୁ ଚାଲିଯାଇଥିଲେ। ସଙ୍ଗେ ସଙ୍ଗେ କୋରାପୁଟ ଅଗ୍ନିଶମ ଓ ବିଦ୍ୟୁତ ବିଭାଗକୁ ଅବଗତ କରାଯାଇଥିଲା। ଟାଟା ପାୱାର କମ୍ପାନୀର କର୍ମଚାରୀ ବିଦ୍ୟୁତ ଲାଇନ କାଟି ଦେଇଥିଲେ। ପରେ ଅଗ୍ନିଶମ ବିଭାଗର ଷ୍ଟେସନ ଅଫିସର ବିଜୟ କିଶାନଙ୍କ ସମେତ ଅଗ୍ନିଶମ ବାହିନୀର କର୍ମଚାରୀଙ୍କ ଦ୍ୱାରା ନିଆଁକୁ ଆୟତ୍ତ କରାଯାଇଥିଲା।

● ମାଙ୍ଗିଲିଗୁଡ଼ାରେ ଅବକାରୀ ଦଳ ଅଟକ

## ଗ୍ରାମବାସୀଙ୍କ ନାମରେ ମାମଲା

**ନନ୍ଦପୁର, ୯।୪(ସମିସ):** ନନ୍ଦପୁର ଥାନା ଅନ୍ତର୍ଗତ ପରଜା ମୁଠେଇ ଗ୍ରାମପଞ୍ଚାୟତ ମାଙ୍ଗିଲି ଗୁଡ଼ା ଗ୍ରାମରେ ଚଢ଼ଉ ପାଇଁ ଯାଇଥିବା ଅବକାରୀ ଦଳକୁ ଗ୍ରାମବାସୀ ଅଟକ ରଖିବା ସହ କିଛି ଘଣ୍ଟା ପାଇଁ ଉତ୍ତେଜନା ଦେଖା ଦେଇଥିଲା। ନନ୍ଦପୁର ପୁଲିସ ହସ୍ତକ୍ଷେପ କରିବା ସହ ଗ୍ରାମବାସୀଙ୍କ କବଳରୁ ଅଟକ ଅବକାରୀ ଦଳ ଉଦ୍ଧାର ହୋଇଥିଲେ। କୋରାପୁଟ ଡେପୁଟି ସୁପରିନଟେଣ୍ଡାଣ୍ଟ ଶିଙ୍ଗମ୍ଭି ଆନନ୍ଦ, ମୋବାଇଲ ଦଳର ଇନ୍ସପେକ୍ଟର ଚନ୍ଦ୍ର ଶେଖର ପଡ଼ିଆରି, ଏଏସ୍ଆଇ ରାଜୁ କୁମାର ଖିଡି, ନନ୍ଦପୁର ଓଆଇସି ଅଭୟ କୁମାର ନାୟକ, କୋରାପୁଟ ସଦର ଓଆଇସି ସଞ୍ଜୟ କୁମାର କାଣ୍ଡିଙ୍କ ସମେତ ଅବକାରୀ କର୍ମଚାରୀ ଏକ ଦଳ ମଙ୍ଗଳବାର ସକାଳୁ ମାଙ୍ଗିଲିଗୁଡ଼ା ଗ୍ରାମରେ ଅବକାରୀ ଚଢ଼ଉ ପାଇଁ ପହଞ୍ଚି ୧୫ ଶହ ଲିଟର ପଚ ନଷ୍ଟ କରିବା ସହ ୮୦ ଲିଟର ଦେଶୀ ମଦ ଜବତ କରିଥିଲେ। ଆମ ପେଟରେ ଅବକାରୀ ବିଭାଗ ଲାତ ମାରୁଛି ବୋଲି ଗ୍ରାମବାସୀ ଅଭିଯୋଗ କରି ଚଢ଼ଉ ଦଳକୁ ଅଟକ ରଖିଥିଲେ। ପରିସ୍ଥିତି ଅଣାୟତ୍ତ ହେବା ନେଇ କୌଣସି ପ୍ରକାରରେ ନନ୍ଦପୁର ପୁଲିସକୁ ଖବର ଦେବା ପରେ ପୁଲିସ ହସ୍ତକ୍ଷେପ ପରେ ଗ୍ରାମବାସୀ ଅବକାରୀ ବିଭାଗ କର୍ମଚାରୀଙ୍କୁ ଛାଡିଥିଲେ। ଏହି ଘଟଣା ନେଇ ଅବକାରୀ ବିଭାଗ ପକ୍ଷରୁ ନନ୍ଦପୁର ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ନନ୍ଦପୁର ଥାନା ଆଇଆଇସି ମମତା ପଣ୍ଡା ସୂଚନା ଦେଇଛନ୍ତି। ମାମଲାର ତଦନ୍ତଭାର ଏସ୍ଆଇ ଦିପ୍ତିମୟୀ ଧାରୁଆଙ୍କୁ ପ୍ରଦାନ କରାଯାଇଥିବା ସୂଚନା ମିଳିଛି।

## ଦେଶୀମଦ ଜବତ; ୨ କୋର୍ଟ ଚାଲାଣ

**ନବରଙ୍ଗପୁର, ୯।୪ (ସମିସ):** ମଙ୍ଗଳବାର ଅବକାରୀ ବିଭାଗର ଅଧିକାରୀମାନେ ନବରଙ୍ଗପୁର ଓ କୋଡିଙ୍ଗା ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଅବକାରୀ ଚଢଉ କରି କୁର୍ଲୁଘାଟି ମୁଖ୍ୟରାସ୍ତାରେ ଯଦୁ ଭୁମିୟା ନାମକ ଏକ ବ୍ୟକ୍ତିଠାରୁ ୨୪ ଲିଟର ଦେଶୀମଦ ସହ ଏକ ମୋଟର ସାଇକଲ ଜବତ କରିଛନ୍ତି। ବରଙ୍ଗପୁର ଅଧିକାରୀ ସୁଜିତ ନାଗ ଏକ ମାମଲା ରୁଜୁ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ କୋଡିଙ୍ଗା ଥାନା କୁସୁମଗୁଡା ରାସ୍ତାରେ ମୋତିରାମ ଖାତିଠାରୁ ୧୮ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ମାମଲାରେ ଅବକାରୀ ନିରୀକ୍ଷକ ନବରଙ୍ଗପୁର ଦିଲ୍ଲୀପ ରଥ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛନ୍ତି। ଚଢଉ ଦଳରେ ଏଏସଆଇ ତ୍ରିନାଥ ସଉରା ସିପାହୀ ସୁଧାଂଶୁ ଶେଖର ବାଘ, ଉମେଶ ହରିଜନ, ରଞ୍ଜିତ ସିଂହ, ଅଂଶୁମାନ ପରିଡ଼ା, ରଞ୍ଜି ଜାନି ସାମିଲ ଥିଲେ।

## ବିଭିନ୍ନ ବୁଥ୍ରେ ନନ୍ଦପୁର ବିଡିଓଙ୍କ ସମୀକ୍ଷା

**ନନ୍ଦପୁର, ୯।୪(ସମିସ):** ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ବୁଥକେନ୍ଦ୍ର ସଜଡ଼ାକାର୍ଯ୍ୟ ମଧ୍ୟ ଦ୍ରୁତଗତିରେ ଚାଲିଛି। ନନ୍ଦପୁର ବ୍ଲକରେ ମୋଟ ୮୯ଟି ବୁଥ ରହିଥିବା ବେଳେ ବିଡିଓ ଦୁର୍ଗାପ୍ରସାଦ ଦୋରା କାତରବା, ରାଇସିଂ, ପେଟାଲ, ମୂଲ୍ଡା, କୁଲାବିର, ମାଳି ଭିମଡଲ, ଦରା ସୁଭଲାର, ବାଲଡ଼ା, କୁଲାବିର, ପାଡୁଆ, ପୂଜାରୀପୁଟ ଡାଇନ୍ତର ପରିଦର୍ଶନ କରି ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ସମୀକ୍ଷା କରିଥିଲେ। ପାନୀୟ ଜଳଯୋଗାଣ ବ୍ୟବସ୍ଥା ସହ ଅନ୍ୟାନ୍ୟ ସୁବିଧା ଅସୁବିଧା ଉପରେ ସମୀକ୍ଷା କରିଥିଲେ। ପାନୀୟଜଳ ଜରୁରିକାଳୀନ ଭିତ୍ତିରେ ସମସ୍ତ ବୁଥରେ ଉପଲବଧ କରିବାକୁ ବିଡିଓ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## କୋଡ଼ିଙ୍ଗାରେ ପୁଲିସ ଫ୍ଲାଗ୍ମାର୍ଚ୍ଚ

**କୋଷାଗୁମୁଡ଼ା, ୯।୪(ସମିସ):** କୋଷାଗୁମୁଡ଼ା ବ୍ଲକର କୋଡ଼ିଙ୍ଗା ଠାରେ ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ ଆରମ୍ଭ କରାଯାଇଛି। ପୁଣି ଆଗାମୀ ଦିନରେ କର୍ଚ୍ଚାମାଲ, ରାଜୋଡା, ସନ୍ତୋଷପୁର, ବଡ଼ ଆମ୍ବଡା, ତାରା ଗାଁ ଭଳି କୋଷାଗୁମୁଡ଼ା ବ୍ଲକର ଦୁଇଟି ଥାନା ଏବଂ ଗୋଟିଏ ଫାଣ୍ଡି ଅନ୍ତର୍ଗତ ସମସ୍ତ ଅଞ୍ଚଳରେ ଫ୍ଲାଗ ମାର୍ଚ୍ଚ ହେବ ବୋଲି ଏସଡିପିଓ ମିନାକ୍ଷୀ ଠାକୁର କହିଛନ୍ତି। ବିଏସ୍ଏଫ୍ ଯବାନ ଦୁଇ ପ୍ଲାଟୁନ ସହ କୋଷାଗୁମୁଡ଼ା ବିଡିଓ ଆଶିଷ ତ୍ରିପାଠୀ, ତହସିଲଦାର ସୁବ୍ରତ ବେହେରା, କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବର, ଏଏସ୍ଆଇ ପ୍ରଦୀପ ବାଘ, ଏସ୍ଆଇ ବିକ୍ରମ କେଶରୀ ସାହୁ, ଏଏସ୍ଆଇ ହମିତ ମାଝୀ ଏବଂ ଏସ୍ଏଫ ଅଫିସର ମିଳିତ ଭାବେ ଏହି ଫ୍ଲାଗମାର୍ଚ୍ଚରେ ଯୋଗ ଦେଇଥିଲେ।

## ପଟାଙ୍ଗି ନିର୍ବାଚନମଣ୍ଡଳୀ: ବିଜେପି, କଂଗ୍ରେସରେ ଆଶାୟୀଙ୍କ ଅସନ୍ତୋଷ

**ନନ୍ଦପୁର, ୯।୪(ସମିସ):** କୋରାପୁଟ ଜିଲ୍ଲା ପଟାଙ୍ଗି ନିର୍ବାଚନ ମଣ୍ଡଳୀରେ ଏବେ ଦଳୀୟ ପ୍ରାର୍ଥୀ ମଧ୍ୟରେ ତାତି ଦେଖିବାକୁ ମିଳୁଛି। ତିନି ପ୍ରମୁଖ ଦଳ ବିଜେଡି, ବିଜେପି, କଂଗ୍ରେସର ପ୍ରାର୍ଥୀମାନେ ନିଜସ୍ୱ ପ୍ରଚାରକୁ ଆଗକୁ ନେବାକୁ ଯୋଜନା ପ୍ରସ୍ତୁତ କରୁଥିବା ବେଳେ କଂଗ୍ରେସ ଓ ବିଜେପିର ପ୍ରାର୍ଥୀଙ୍କ ପାଇଁ ଏବେ ଦଳୀୟ ଆଶାୟୀ ଅସନ୍ତୋଷ ପ୍ରାର୍ଥୀ ପ୍ରଚାରରେ ପ୍ରତିବନ୍ଧକ ସାଜୁଥିବା ଚର୍ଚ୍ଚା ହୋଇଛି। ବିଜେପିର ପଟାଙ୍ଗୀ ପ୍ରାର୍ଥୀ ଚୈତନ୍ୟ ହନ୍ତାଳଙ୍କ ନାମରେ ଅସନ୍ତୋଷ ଆଶାୟୀମାନେ ତାଙ୍କ ଜାତି ପ୍ରମାଣପତ୍ରକୁ ନେଇ ଅପପ୍ରଚାର କରିବା ସହ ଦଳୀୟ କାର୍ଯ୍ୟାଳୟରେ ଡେରା ପକାଉଥିବା ଦେଖିବାକୁ ମିଳିଛି। ସେହିପରି କଂଗ୍ରେସ ପ୍ରାର୍ଥୀ ରାମଚନ୍ଦ୍ର କାଡାମଙ୍କୁ ମଧ୍ୟ ଅନୁରୂପ ପରିସ୍ଥିତିର ସାମ୍ନା କରିବାକୁ ପଡୁଥିବା ସାଧାରଣରେ ଆଲୋଚନା ହୋଇଛି। କଂଗ୍ରେସର ଅସନ୍ତୁଷ୍ଟ ଆଶାୟୀ ଗୋଷ୍ଠୀ ରାମଚନ୍ଦ୍ର କାଡାମ୍ଙ୍କ ବରୁଦ୍ଧରେ ମେଳି କରାଯାଉଥିବା ଜଣାପଡ଼ିଛି। ତେବେ ଦଳୀୟ ଅସନ୍ତୋଷ ଆଶାୟୀ ଗୋଷ୍ଠୀଙ୍କ ପାଇଁ ଦୁଇ ପ୍ରମୁଖ ଦଳର ପ୍ରାର୍ଥୀମାନେ ଏଯାଏଁ ପ୍ରଚାର ମଇଦାନକୁ ଓହ୍ଲାଇପାରୁ ନଥିବା ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ଦୁଇ ଦଳର ପ୍ରାର୍ଥୀ ଓ ଅସନ୍ତୁଷ୍ଟ ଆଶାୟୀଙ୍କ ମଧ୍ୟରେ କୁହୁଳୁଥିବା ଏହି ଶୀତଳଯୁଦ୍ଧ ବିଜେଡି ପ୍ରାର୍ଥୀ ସୁହାଇବ ବୋଲି ରାଜନୈତିକ ମହଲାରେ ଚର୍ଚ୍ଚା ଜୋର୍ ଧରିଛି। ଦୁଇ ଦଳର ଏଭଳି ସ୍ଥିତିର ଫାଇଦା ନେବାକୁ ବିଜେଡି ମାନସ ମନ୍ଥନ କରିବା ସହ ପଟାଙ୍ଗି ବିଧାୟକ ଭୁବନେଶ୍ୱର ଗସ୍ତରେ ରହିଥିବା ବେଳେ ସେ ଆସିବା ପରେ ସମସ୍ତ ଛାମୁଆ ନେତାଙ୍କୁ ନେଇ ପ୍ରଚାର ଅଭିଯାନ ଆରମ୍ଭ ହେବ ବୋଲି କହିଛନ୍ତି ଜିଲ୍ଲା ବିଜେଡି ଉପଦେଷ୍ଟା ଗୋପାଳ କୃଷ୍ଣ ବେବର୍ତ୍ତା। ଅନ୍ୟପକ୍ଷରେ କଂଗ୍ରେସ ମଧ୍ୟ ସମାନ ରଣନୀତି ନେଇ ନାମାଙ୍କନପତ୍ର ଦାଖଲ ପରେ ପ୍ରଚାର ମଇଦାନ ଓହ୍ଲାଇବ ବୋଲି କହିଛନ୍ତି ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳ ମାଟାମ।

## ଟଲଣା ସ୍କୁଲ ଛାତ୍ରଙ୍କ ଆତ୍ମହତ୍ୟା ଘଟଣାର ତଦନ୍ତ

**ଗୁଣପୁର, ୯।୪(ସମିସ):** ଗତମାସ ୨୨ ତାରିଖ ବହୁଚର୍ଚ୍ଚିତ ଟଲଣା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଛାତ୍ରଙ୍କ ଆତ୍ମହତ୍ୟା ଘଟଣାରେ ଭୁବନେଶ୍ୱର ମିଶନ ଜଷ୍ଟିସ ସଂଗଠନର ସଦସ୍ୟମାନେ ସ୍କୁଲକୁ ଯାଇ ତଦନ୍ତ କରିଛନ୍ତି। ସଂଗଠନର ତପନ ପାଢ଼ୀ ଏବଂ ତପନ ସ୍ୱାଇଁ ତଦନ୍ତ କରି ଫେରିଛନ୍ତି। ସ୍କୁଲର ପ୍ରଧାନଶିକ୍ଷୟତ୍ରୀ, ଶିକ୍ଷୟିତ୍ରୀ, ଶିକ୍ଷକ, ଚପରାଶି,



ପୁଟାସିଂ ଥାନା ଆଇଆଇସି, ମୃତ ବାଳକର ମାତା ପିତାଙ୍କ ସମେତ ଗୁଣପୁର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ସହ ଆଲୋଚନା କରି ଘଟଣା ଉପରେ ତଥ୍ୟ ସଂଗ୍ରହ କରିଥିଲେ। ଏହି ଘଟଣା ପରେ ସେମାନେ ପରିବାରଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି।

## ଆଦିବାସୀଙ୍କ ଚଇତି ପର୍ବ; ଉତ୍ସବମୁଖର ଗ୍ରାମାଞ୍ଚଳ



**ନାରାୟଣପାଟଣା, ୯।୪(ସମିସ):**

ଆଦିବାସୀଙ୍କ ଚଇତି ପର୍ବ ଆରମ୍ଭ ହୋଇଥିବା ବେଳେ କୋରାପୁଟ ଜିଲ୍ଲା ନାରାୟଣପାଟଣାର ଗ୍ରାମାଞ୍ଚଳ ଉତ୍ସଳବମୁଖର ହୋଇଉଠିଛି। ଚୈତ୍ରମାସ ଆସିଲେ ଗ୍ରାମର ବାରିକ, ଆଉ ବେଜୁଣି ଦିନ ସ୍ଥିର କରନ୍ତି। ସେହିଦିନରୁ ଚଇତି ପର୍ବ ଆରମ୍ଭ ହୁଏ। ଗାଁ ମୁଣ୍ଡରେ ଥିବା ଗ୍ରାମଦେବତୀଙ୍କ ପାଖରେ କୁକୁଡ଼ା, ପରା, ଛେଳି, ମେଣ୍ଢା, ବଳି ଲଗାଇ ପୂଜା କରାଯିବା ସହ ଆମ୍ବକୁ ନୂଆ ଖାଇ ଆରମ୍ଭ ହୁଏ ବନ୍ଧୁ ମିଳନ। ଡଙ୍ଗର ଭିତରୁ ମହୁରି ମାଦଳର ଧ୍ୱନି ସହ ଦଳବଦ୍ଧ ଭାବେ ନୃତ୍ୟରେ ମସଗୁଲ୍ ରହିଥାନ୍ତି। ଗାଁ ମୁଣ୍ଡରେ ଥିବା ସଲପ ଗଛ ମୂଳରୁ ଆରମ୍ଭ ହୋଇଯାଏ ବନ୍ଧୁ ବାନ୍ଧବଙ୍କ ବନ୍ଧୁ ମିଳନ ଓ ଭେଟ୍ଘାଟ। ସକାଳୁ ସକାଳୁ ଦୁଇ ମଗ୍ ସଜ ସଲପ ପାନ କରି କୋଳାଗ୍ରତ ହୁଅନ୍ତି ପରସ୍ପରଙ୍କୁ। ପରେ ନୂଆ ବସ୍ତ୍ର ପରିଧାନ କରି ସୁସଜ୍ଜିତ ହୋଇ ମହୁରି ବଜାର ତାଳେ ତାଳେ ଝୁମି ଉଠନ୍ତି ଗାଁର ପିଲା, ଟୋକି ଧାଙ୍ଗଡା ଧାଙ୍ଗିଡି। ଜଙ୍ଗଲୀ ଜନ୍ତୁ ଶିକାର କରି ଗ୍ରାମରେ ପହଞ୍ଚିବା ମାତ୍ରେ ଗ୍ରାମର ମହିଳାମାନେ ଫୁଲ ମାଳ ପିନ୍ଧାଇ ବରଣ କରିଥାନ୍ତି ଶିକାରୀମାନଙ୍କୁ। ପରେ ଶିକାର ଜନ୍ତୁଙ୍କୁ ସମସ୍ତେ ବାଣ୍ଟି ଥାଆନ୍ତି। ଚଇତିର ସମାପ୍ତି ବେଳକୁ ଗାଁ ଅଗଣାରେ ଡିମ୍ବିରି ଗଛର ଡାଳ ପୋତି ପରସ୍ପରକୁ ହୋଲି ଖେଳି ଉଦ୍ଯାପନ କରିଥାନ୍ତି।

## ଲକ୍ଷ୍ମୀପୁରରେ କୁମର ଜାନୀ ସିପିଆଇ ବିଧାୟକ ପ୍ରାର୍ଥୀ

**ଜୟପୁର, ୯।୪(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀ ଭାବେ କୁମର ଜାନୀଙ୍କୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପକ୍ଷରୁ ଘୋଷଣା କରାଯାଇଛି। ଜୟପୁରସ୍ଥିତ କାର୍ଯ୍ୟାଳୟଠାରେ ଏକ ବୈଠକ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରମୋଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବିଶଷ୍ଟ ଲୋକଗୀତ ଗାୟକ, ନାଟ୍ୟ କଳାକାର ଓ ସାମାଜିକ କର୍ମୀ ଶ୍ରୀ ଜାନୀଙ୍କ ନାମ ପ୍ରସ୍ତାବ କରାଯାଇଥିଲା। ସେଠାରେ ଉପସ୍ଥିତ ସମସ୍ତ ସଦସ୍ୟମାନେ ସମର୍ଥନ କରିଥିଲେ। ଦଳର ଦଶମନ୍ତପୁର, ଲକ୍ଷ୍ମୀପୁର, ବନ୍ଧୁଗାଁ, ନାରାୟଣପାଟଣା ବ୍ଲକ ସଂଗଠନର ସଦସ୍ୟଙ୍କ ଉପସ୍ଥିତିରେ ଜିଲ୍ଲାର ଗୋଟିଏ ସ୍ଥାନରେ ପ୍ରାର୍ଥୀ ଘୋଷଣା କରାଯାଇଥିବା ଯୋଗୁଁ ସମସ୍ତ ସଦସ୍ୟମାନେ ଉକ୍ତ ପ୍ରାର୍ଥୀଙ୍କୁ ସମର୍ଥନ ଓ ସହଯୋଗ କରିବାକୁ ଜିଲ୍ଲା ସମ୍ପାଦକ ଶ୍ରୀ ରାଉଳ ଆହ୍ୱାନ କରିଥିଲେ। ବୈଠକରେ ନିତ୍ୟାନନ୍ଦ ପାତ୍ର, ବୁଦ୍ରା ବଡନାୟକ, ସନ୍ୟାସୀ ଖିଲ, ନନ୍ଦ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

## 'ଆଧୁନିକ ପରିପ୍ରେକ୍ଷୀରେ ପ୍ରାଚୀନ ଭାରତୀୟ ସାହିତ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା' ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀ



**କୋରାପୁଟ, ୯।୪(ସମିସ):** ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସଂସ୍କୃତ ବିଭାଗ ପକ୍ଷରୁ 'ଆଧୁନିକ ପରିପ୍ରେକ୍ଷୀରେ ପ୍ରାଚୀନ ଭାରତୀୟ ସାହିତ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା' ଶୀର୍ଷକ ତିନିଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍ଘାଟିତ ହୋଇଯାଇଛି। ଏହି ସେମିନାରରେ ୪ଟି ବିଶ୍ୱବିଦ୍ୟାଳୟର ବିଶିଷ୍ଟ କୁଳପତି ଓ ଅନ୍ୟ ପ୍ରତିନିଧି ଯୋଗ ଦେଇଥିଲେ। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର କୁଳପତି ପ୍ରଫେସର ଶ୍ରୀନିବାସ ବରାଖେଡି, ତିରୁପତିସ୍ଥିତ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜିଏସ୍ଆର କ୍ରିଷ୍ଣା ମୂର୍ତ୍ତି, ରାମଟେକସ୍ଥିତ କବି କୁଳଗୁରୁ କାଳିଦାସ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରେରାମ ତ୍ରିପାଠୀ, ବିହାରର କାମେଶ୍ୱର ସିଂହ ଦରଭଙ୍ଗା ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଲକ୍ଷ୍ମୀ ନିବାସ ପାଣ୍ଡେ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପରାମର୍ଶଦାତା ପ୍ରଫେସର ଡିସି.ଝା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ସମ୍ମିଳନୀର ଆବାହକ ତଥା ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ ରେଜିଷ୍ଟ୍ରାର ତଥା ଅର୍ଥ ଅଧିକାରୀ ପ୍ରଫେସର ନରସିଂହ ଚରଣ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଆନ୍ତର୍ଜାତିକ ଆଲୋଚନାଚକ୍ର ସମଗ୍ର ବିଶ୍ୱରେ ସଂସ୍କୃତ ଭାଷାର ବିକାଶ ଦିଗରେ ବେଶ୍ ଫଳପ୍ରଦ ଓ ସହାୟକ ହେବ ବୋଲି ପ୍ରଫେସର ହରେରାମ ତ୍ରିପାଠୀ ଆଶାବ୍ୟକ୍ତ କରିଥିଲେ। ପ୍ରଫେସର ପାଣ୍ଡେ ଭାରତୀୟ ପାରମ୍ପରିକ ଜ୍ଞାନ ପ୍ରଣାଳୀର ବିକାଶ ସହ ଜ୍ଞାନ ଓ ଐତିହ୍ୟରେ ସମୃଦ୍ଧ ସଂସ୍କୃତ ଭାଷାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସଂସ୍କୃତ ଅଧ୍ୟାପକ ଡ. ବୀରେନ୍ଦ୍ର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ପ୍ରଦୀପ ଚନ୍ଦ୍ର ଆଚାର୍ଯ୍ୟ ପରିଚାଳନା କରିଥିଲେ। ସମଗ୍ର ଭାରତବର୍ଷର ବହୁ ପ୍ରତିନିଧି, ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପୂର୍ବରୁ ଏହି ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଓ ମାଣ୍ଡିଆ ଖାଦ୍ୟ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା।

## ଖଲିଗୁଡ଼ାରେ ଉଗାଦି ଉତ୍ସବ ପାଳିତ



**ରାୟଗଡ଼ା, ୯।୪(ସମିସ):** ରାୟଗଡ଼ା ସହର ଉପକଣ୍ଠ ଖଲିଗୁଡା ନିକଟସ୍ଥ ପଡ଼ିଆରେ ଉତ୍କଳ ତେଲୁଗୁ ସମକ୍ଷ୍ୟା ରାୟଗଡ଼ା ଉଗାଦି କମିଟି ପକ୍ଷରୁ ଦୁଇ ଦିନ ଧରି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଉତ୍ସବ କମିଟିର ଅଧ୍ୟକ୍ଷ ଯାଲ୍ଲା ଭେଙ୍କେଟେଶ୍ୱର ରାଓ (କୋଣ୍ଡାବାବୁ)ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରଥମ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ବିଏସକେୱାଇ ଯୋଜନା ରାଜ୍ୟ ଉପଦେଷ୍ଟା ତଥା ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ଦାସ, ବିଷମକଟକ ବିଧାନସଭା ଆସନ ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ଆଦିବାସୀ କଲ୍ୟାଣ ଓ ଆଇନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରାକା, ପୂର୍ବତନ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, କୋରାପୁଟ ଲୋକସଭା ସାଂସଦ ପ୍ରାର୍ଥୀ ସପ୍ତଗିରି ଉଲାକା, ପିସିସି ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡାଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଏହି ଉତ୍ସବରେ ତେଲୁଗୁ ସିନେମା ଜଗତର ଖ୍ୟାତନାମା ଅଭିନେତ୍ରୀ ପାୟଲ ରାଜପୁତ, କଣ୍ଠଶିଳ୍ପୀ ଯାଜିନ୍ ନିଜାର, ସାହିତି ଛଗାନ୍ତିଙ୍କ ସମେତ ଜବରଦସ୍ତ ଏପିସୋଡର ହାସ୍ୟ କଳାକାରମାନଙ୍କ ସମେତ ଅନ୍ୟ ନୃତ୍ୟ ଗ୍ରୁପ୍ ଓ ଘୋଷକଘୋଷିକା ପ୍ରମୁଖ ଶ୍ରୋତାଗଣଙ୍କୁ ଉତ୍ସାହିତ କରିବାର କାର୍ଯ୍ୟକ୍ରମ ରଖାଯାଇଛି। ମଙ୍ଗଳବାର ଅପରାହ୍ନରେ ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣି ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଏକ ବିଶାଳ ଶୋଭାଯାତ୍ରା ଉତ୍ସବସ୍ଥଳ ପର୍ଯ୍ୟନ୍ତ ବାହାରିଥିଲା। ଉତ୍କଳ ତେଲୁଗୁ ସମକ୍ଷା ଉଗାଦି ଉତ୍ସବ କମିଟି ସଭାପତି କୋଣ୍ଡାବାବୁ ଉଗାଦି ଉତ୍ସବ ଓ ତେଲୁଗୁ ନୂଆ ବର୍ଷ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ଥିବା ବେଳେ କମିଟିର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।



# ସିଆର୍‌ପିଏଫ୍ ପକ୍ଷରୁ ଶୌର୍ଯ୍ୟ ଦିବସ ପାଳିତ



**ନବରଙ୍ଗପୁର, ୯।୪ (ସମିସ):** ନବରଙ୍ଗପୁର ୧୨ ବାଟାଲିୟନ ସିଆରପିଏଫ୍ ପକ୍ଷରୁ ମଙ୍ଗଳବାର ଶୌର୍ଯ୍ୟ ଦିବସ ପାଳନ କରାଯାଇଛି। ସିଆରପିଏଫ୍ ଯବାନଙ୍କ ଅସୀମ ଶୌର୍ଯ୍ୟ ଓ ବୀରତ୍ୱର ସ୍ମୃତିକୁ ଜୀବନ୍ତ ରଖିବା ସହ ସେମାନଙ୍କ ଚରମ ବଳିଦାନର ଗାଥାକୁ ସ୍ମୃତିଚାରଣ ଉଦ୍ଦେଶ୍ୟ ରେ ଏହି ଦିବସ ପାଳନ କରାଯାଇଥାଏ। ଏହି ଅବସରରରେ ସିଆର୍‌ପିଏଫ ଯବାନ ମାନଙ୍କ ଗୌରବମୟ ଇତିହାସ ସମ୍ପର୍କରେ ଆଲୋଚନା କରାଯାଇ ବୀର ଶହୀଦ ମାନଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟରତ ସମୟରେ ନକ୍ସଲ ଆକ୍ରମଣରେ ପ୍ରାଣ ହରାଇ ଶହୀଦ ହୋଇଥିବା ନବରଙ୍ଗପୁର ଜିଲ୍ଲାର ପପଡ଼ାହାଣ୍ଡି ବ୍ଲକର ବିଜୟ ହରିଜନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଛି। ବିଜୟ ହରିଜନ ଗତ ୨୦୦୯ ରେ ଛତିଶଗଡ଼ର ଦାନ୍ତେୱାଡାଠାରେ ନିର୍ବାଚନ କାର୍ଯ୍ୟରେ କର୍ତ୍ତବ୍ୟ ରତ ଥିବା ସମୟରେ ନକ୍ସଲ ଆକ୍ରମଣର ଶିକାର ହୋଇ ବୀରଗତି ପ୍ରାପ୍ତ କରିଥିଲେ। ଶହୀଦ ବିଜୟ ହରିଜନଙ୍କ ପରିବାର ବର୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୨ ବାଟାଲିୟନ ସିଆରପିଏଫ୍ କମାଣ୍ଡାଣ୍ଟ ଏନ୍କେକେ ପ୍ରସାଦଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ ଯବାନମାନେ ଉପସ୍ଥିତ ଥିଲେ।

# ଶ୍ରୀରାମ ସେନା ପକ୍ଷରୁ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ



**ଖଇରପୁଟ, ୯।୪(ସମିସ):** ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ଗ୍ରାମରେ ଶ୍ରୀରାମ ସେନା ପକ୍ଷରୁ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଧୁମଧାମରେ ପାଳିତ ହୋଇଯାଇଛି। ଏହି ନବବର୍ଷ ପାଳନ ଅବସରରେ କୁଡୁମୁଲୁଗୁମ୍ମା ତହସିଲଦାର ଟୁକୁନୁ ପୁଟା ସମସ୍ତଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। ଆୟୋଜନସ୍ଥଳରେ ସମସ୍ତ ସନାତନୀ ମାନଙ୍କୁ ରାମାନନ୍ଦି ତିଲକ୍ ଲଗାଇବା ସହ ସମସ୍ତଙ୍କୁ ଦହିପଣା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁଚାରୁରୂପେ ପାଳନ ନିମନ୍ତେ କୁଡୁମୁଲୁଗୁମ୍ମା ରାମ ସେନାର ସଦସ୍ୟ ଜ୍ୟୋତି ରଞ୍ଜନ ବେହେରା, ଭଗବାନ ସାହୁ, ଗୋପୀନାଥ ଦାସ, ରମାକାନ୍ତ ଧାକଡ଼, ସନ୍ତୋଷ ସ୍ୱାଇଁ, ସୁଶାନ୍ତ ରଥ, ନିହାରକାନ୍ତ ଦାସ, ଅଶୋକ କୁମାର ପ୍ରମୁଖଙ୍କ ସହ ବହୁ ଯୁବପିଢି ଉପସ୍ଥିତ ଥିଲେ।

# ମତଦାନ ସଚେତନତା କର୍ମଶାଳା

**ମାଲକାନଗିରି, ୯।୪(ସମିସ):** କନିଷ୍ଠ ମହିଳା ମହାବିଦ୍ୟାଳୟରେ ଏକଦିବସୀୟ ଭୋଟର ସାକ୍ଷରତା କ୍ଲବ ବିଷୟରେ ଅଧକ୍ଷ ଦୁଷ୍ମନ୍ତ ଜେନାଙ୍କ ପୌରୋହିତ୍ୟରେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ଭୋଟର ପଞ୍ଜିକରଣ ଅଧିକାରୀ ପ୍ରଭାତୀ ଝୋଡ଼ିଆ ଛାତ୍ରଛାତ୍ରୀଙ୍କୁ ମତଦାନ ସମ୍ପର୍କରେ ସଚେତନ କରିଥିଲେ। ମୁଖ୍ୟବକ୍ତା ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ମୁଖ୍ୟ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ଛାତ୍ରଛାତ୍ରୀମାନେ ସଚେତନ ହୋଇ, ଏହି ବାର୍ତ୍ତାକୁ ଗାଁ ଗହଳିରେ କିପରି ପ୍ରଚାର ପ୍ରସାର କରି ପାରିବେ ସେ ବିଷୟରେ ଦୃଷ୍ଟି ନିକ୍ଷେପ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଇଂରାଜୀ ଅଧାପକ କୃଷ୍ଣଚନ୍ଦ୍ର ସେଠୀ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶଙ୍କର୍ଷଣ ଖଣ୍ଡୁଆଳ ସହଯୋଗ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧାପକ ଓ ଅଧାପିକା ଉପସ୍ଥିତ ଥିଲେ।




## ବିନା ଦୋଷରେ ଗିରଫଦାରି ଅଭିଯୋଗ

# ୩ ମାସ ପରେ ସ୍ୱର ଉଠାଇଲେ ବରିଷ୍ଠ ଆଦିବାସୀ ନେତା

**ମାଥିଲି, ୯।୪(ସମିସ)**

ମାଲକାନଗିରି ଜିଲ୍ଲା ମାଥିଲି ପୁଲିସ ଉପରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି ଜଣେ ବ୍ୟକ୍ତି ଓ ଜଣେ ବରିଷ୍ଠ ଆଦିବାସୀ ନେତା। ବିନା ଦୋଷରେ ଗିରଫ ହୋଇ ଦଣ୍ଡ ଭୋଗୁଥିବା ସହ ମାନସିକ ଚାପରେ ରହୁଥିବା ନେଇ ଅଭିଯୋଗ କରି ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି ଆଦିବାସୀ ନେତା ଶରତ ବୁରୁଦା। ଦଣ୍ଡ ଭୋଗିଥିବା ବ୍ୟକ୍ତି ହେଉଛନ୍ତି ବଳରାମ ପୂଜାରୀ

ସୂଚନା ଅନୁଯାୟୀ, ଗତ ୨୭.୧୨.୨୦୨୩ରେ ମାଥିଲି ପୁଲିସ ପକ୍ଷରୁ ୨୦୦୫ ମସିହାର ଏକ ମାମଲା ସଂଖ୍ୟା ୧୧୦/୦୫ ଏବଂ ଜିଆର ମାମଲା ସଂଖ୍ୟା ୩୯୯/୦୫ (ଏ)ରେ ଫେରାର ଥିବା ଆସାମୀ ଦର୍ଶାଇ କୁପୁଲିଗୁଡ଼ା ଗ୍ରାମର ବଳରାମ ପୂଜାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଆଇନ ସେବା ପ୍ରାଧିକରଣର ଜିଲ୍ଲା ସମ୍ପାଦକ ରାକେଶ କୁମାର ମୁଦୁଲିଙ୍କ ନିର୍ଦ୍ଦେଶରେ ଜିଲ୍ଲା ଆଇନ ସହାୟକ କେନ୍ଦ୍ରର ଅବସ୍ଥାପିତ ମୁଖ୍ୟ ଆଇନ ସହାୟକ ଆଇନଜୀବୀ ଅଶୋକ ପଟ୍ଟନାୟକ, ଆଇନଜୀବୀ ରାଜେଶ ପଟ୍ଟନାୟକ, ଆଇନଜୀବୀ ସାଗର ପାଣିଗ୍ରାହୀ ଏବଂ ଆଇନଜୀବୀ ସଂଯୁକ୍ତା ଦତ୍ତ ଉପରୋକ୍ତ ମାମଲା ଲଢିଥିଲେ। ଏହାଫଳରେ ୦୮.୦୪.୨୦୨୪ରେ ବଳରାମ ପୂଜାରୀଙ୍କୁ ଦୀର୍ଘ ୩ମାସ ପରେ ବ୍ୟକ୍ତିଗତ ମୁଚାଲିକାରେ ଜିଲ୍ଲା ଦୌରା ଜର୍ଜ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ।

ପ୍ରକାଶ ଥାଉକି, ଉପରକ୍ତ ମକଦ୍ଦମା ଅନୁଯାୟୀ ଘଟଣାଟି ମାଥିଲି ବ୍ଲକର ମେକ୍କା ପଞ୍ଚାୟତର କଉଡ଼ିଗୁଡାରେ ଘଟିଥିଲା। ସର୍ବମୋଟ ୬୯ ଜଣ ଅଭିଯୁକ୍ତ ଥିଲେ। ପ୍ରାୟତଃ ଅଭିଯୁକ୍ତମାନେ କଉଡ଼ିଗୁଡା, କୁପୁଲିଗୁଡା, ଦାମାପଡ଼ା, ମାଟିଗୁଡ଼ା ଏବଂ ତାଳଗୁଡା ଅଞ୍ଚଳର ଏବଂ ମେକ୍କା ଗ୍ରାମ ପଞ୍ଚାୟତ ଅଞ୍ଚଳର। ମାଥିଲି ଥାନାର ଅଭିଯୋଗ ଫର୍ଦ୍ଦରେ କ୍ର. ନ. ୫୦ ରୁ



## ● ଅଭିଯୋଗକୁ ଖଣ୍ଡନ କଲା ମାଥିଲି ପୁଲିସ

୬୦ଜଣଙ୍କ ସମସ୍ତ ଅଭିଯୁକ୍ତ କୁପୁଲିଗୁଡ଼ା ଗ୍ରାମର ବୋଲି ଉଲ୍ଲେଖ ଥିବା ବେଳେ ବଲାରାମ ପୂଜାରୀଙ୍କ ନାମ ଅଭିଯୋଗ କ୍ର. ନ. ୫୧ରେ ରହିଛି। ପୁଲିସର ଭୁଲ ପାଇଁ ମେକ୍କା ପଞ୍ଚାୟତ କୁପୁଲିଗୁଡା ଗ୍ରାମର ବଳରାମ ପୂଜାରୀଙ୍କ ବଦଳରେ ପାଙ୍ଗାମ ପଞ୍ଚାୟତରେ ଥିବା କୁପୁଲିଗୁଡ଼ାର ବଳରାମ ପୂଜାରୀଙ୍କୁ ଗିରଫ କରି ଦୀର୍ଘ ୩ ମାସ ବିଚାର ବିଭାଗୀୟ ହାଜତରେ ରଖା ଯାଇଥିଲା। ଆଇନ ବ୍ୟବସ୍ଥାରେ ହଜାରେ ଦୋଷୀ ଖସି ଯାଆନ୍ତୁ କିନ୍ତୁ ଜଣେ ନିରୀହ ଲୋକ ଯେମିତି ଦଣ୍ଡ ନପାଉ ବୋଲି ବ୍ୟବସ୍ଥା ଥିବା ସ୍ଥଳେ ପୁଲିସର ତଦନ୍ତରେ ଅପରିପକ୍ୱତା ଏବଂ ଗିରଫଦାରି ପାଇଁ ଜଣେ ନିରୀହ ଲୋକ ଦୀର୍ଘ ୩ ମାସ ବିନା ଦୋଷରେ ଦଣ୍ଡ ଭୋଗିଥିଲେ। ବରିଷ୍ଠ ଆଦିବାସୀ ନେତା ଶରତଚନ୍ଦ୍ର ବୁରୁଦା ଓ ବଳରାମ ପୁଲିସ ବରୋଧରେ ଅଗାମୀ ଦିନରେ ଉପର କୋର୍ଟର ଦ୍ୱାରସ୍ଥ ହେବା ସହ ମାନବ ଅଧିକାର କମିଶନରଙ୍କ ଦ୍ୱାରସ୍ଥ ହେବେ ବୋଲି ପ୍ରକାଶ କରିଛନ୍ତ। ଏହାସହ ବିଳମ୍ବ ହେଲେ ମଧ ଅଦାଲତ ବଳରାମଙ୍କୁ ନ୍ୟାୟ ଦେବାରେ ସହାୟକ ହେଉଥିବାରୁ ଦେଶର ନ୍ୟାୟ ବ୍ୟବସ୍ଥା ଏବଂ ନ୍ୟାୟାଳୟକୁ ଆସ୍ଥା ପ୍ରକଟ କରି କୃତଜ୍ଞତା ଏବଂ ସମ୍ମାନ ଜଣାଇଛନ୍ତି ବଳରାମ। ଏ ସମ୍ପର୍କରେ ମାଥିଲି ଥାନାଧିକାରୀଙ୍କୁ ପଚାରିବାରୁ ଥାନା ତରଫରୁ ଅଦାଲତର ଗିରଫ ପରୱାନାକୁ ଭିତ୍ତିକରି ଆମେ ବଳରାମ ପୂଜାରୀ ଓ ତାଙ୍କର ବାପାଙ୍କ ନାମ ଭାଗୀରଥି ପୂଜାରୀ କୁପୁଲଗୁଡାରୁ ବଳରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲୁ ବୋଲି ପ୍ରକାଶ କରିଛନ୍ତି।

## ଉପରେ ସାର୍ଟ, ଭିତରେ ଗଞ୍ଜେଇ

# ପୁଲିସ ଦ୍ୱାରା ୪ ଗିରଫ

**ବାଲିମେଲା, ୯।୪(ସମିସ):** ମାଲକାନଗିରି ଜିଲ୍ଲାରେ ଗଞ୍ଜେଇ ଚୋରାଚାଲାଣ ପାଇଁ ଆସାମୀମାନେ ବହୁ ପନ୍ଥା ଆପଣାଇଛନ୍ତି। କେବେ ଫଳ ଗାଡିରେ ଆଉ କେବେ ପେଟ୍ରୋଲ ଗାଡିରେ, ପୁଣି କେବେ ଅଙ୍ଗାର ବୋଝେଇ ଗାଡିରେ ସ୍ୱତନ୍ତ୍ର କ୍ୟାବିନ କରି ଚୋରା ଚାଲାଣ ଚାଲିଥିବା ନଜିର ରହିଛି। ଏପରି ଏକ ନୂତନ ପନ୍ଥା ଆପଣେଇ ଗଞ୍ଜେଇ ଚୋରା ଚାଲାଣ କରୁଥିବାବ ବେଳେ ଓର୍କେଲ ପୁଲିସ ଚାରିଜଣଙ୍କୁ ଗିରଫ କରିଛି। ଏ ସମ୍ପର୍କରେ ମାଲକାନଗିରି ଆରକ୍ଷୀ ଅଧୀକ୍ଷକ ନିତିଶ୍ ୱାଧୱାନୀ ଏକ ପ୍ରେସ ବିଜ୍ଞପ୍ତି ଜାରୀ କରିଛନ୍ତି ଯେ ଓର୍କେଲ ପୁଲିସ ଚିତ୍ରକୋଣ୍ଡା ଛକ ଓ ଏମ୍.ଭି. ୩୭ ଠାରେ ପାଟ୍ରୋଲିଙ୍ଗ କରୁଥିବା ସମୟରେ ଚିତ୍ରକୋଣ୍ଡା ଛକଠାରେ ଚାରିଜଣ ପୁଲିସକୁ ଦେଖି ସେଠାରୁ ଫେରାର ହୋଇଯିବାକୁ ଉଦ୍ୟମ କରୁଥିଲେ। ପୁଲିସ କଳେବଳେ କୌଶଳେ ସେମାନଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ସେମାନଙ୍କ ମଧ୍ୟରୁ ୩ଜଣ ନିଜ ଶରୀରରେ ଗଞ୍ଜେଇର



ପତଳା ପ୍ୟାକେଟ ବନାଇ ଦୌଡି ସାହାଯ୍ୟରେ ବାନ୍ଧି ଉପରେ ସାର୍ଟ ପିନ୍ଧି ଗଞ୍ଜେଇ ଚୋରାଚାଲାଣ କରୁଥିଲେ। ଅନ୍ୟ ଜଣେ ବ୍ୟକ୍ତି ସେମାନଙ୍କୁ ଗଞ୍ଜେଇ ଯୋଗାଇବା କାର୍ଯ୍ୟ କରୁଥିଲା। ସେମାନଙ୍କ ନିକଟରୁ ମୋଟ ୩୮ କେଜି ୨୦୦ ଗ୍ରାମ ଗଞ୍ଜେଇ ପୁଲିସ ଜବତ କରିଛି। ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ମହାରାଷ୍ଟ୍ର ଅମରାବତୀ ଜିଲ୍ଲା ୟାସମିନ ନଗରର ମହମ୍ମଦ ଫାଇଜାନ୍, ଉଲିସ୍ତାନ ନଗରର ସେଖ୍ ସାରିଖ, ଜୟ ଶ୍ରୀରାମ ନଗରର ବଜରଙ୍ଗ ଅଶୋକ ପଟେଲ ଓ ମାଲାକନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନାଞ୍ଚଳର ସୁନାଧର ଖିଲ। ସୁନାଧର ଖିଲ ଏହି ତିନିଜଣଙ୍କୁ ଗଞ୍ଜେଇ ଯୋଗାଇ ଦେଇଥିଲା ବେଳେ ଏହି ତିନିଜଣ ଉକ୍ତ ଗଞ୍ଜେଇକୁ ମହାରାଷ୍ଟ୍ର ଚୋରାଚାଲାଣ କରିବା ପାଇଁ ପ୍ରସ୍ତୁତ ଥିଲେ। ଏହି ତିନିଜଣଙ୍କ ନିକଟରୁ ଦୁଇଟି ମୋବାଇଲ ଓ ନଗଦ ୨୧୦୦ ଟଙ୍କା ଜବତ କରାଯାଇଛି।

# ଗୋବିନ୍ଦପାଲି ଘାଟିରେ ଟ୍ରକ୍-ବୋଲେରୋ ଦୁର୍ଘଟଣା; ୨ ଆହତ

**ମାଲକାନଗିରି, ୯।୪(ସମିସ):**
ମାଲକାନଗିରି ଜୟପୁର ୩୨୬ ଜାତୀୟ ରାଜପଥ ଗୋବିନ୍ଦପାଲି ଘାଟିରେ ଟ୍ରକ ଧକ୍କାରେ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ମହିଳା ଓ ଜଣେ ନାବାଳିକା ଆହତ ହୋଇଛନ୍ତି। ମାଲକାନଗିରି ଥାନା ଏମଭି ୧୦ ଗ୍ରାମର ୧୨ ଜଣ ମହିଳା ଓ ପୁରୁଷ ଏକ ବୋଲେରୋ ଗାଡି ଯୋଗେ ଗୁପ୍ତେଶ୍ୱର ମହାଦେବଙ୍କ ଦର୍ଶନ କରିବାକୁ ଯାଇଥିଲେ। ଅପରାହ୍ନରେ ମାଲକାନଗିରିକୁ ଫେରୁଥିବା ବେଳେ ଗୋବିନ୍ଦପାଲି କସିଗଡ଼ ଘାଟିରେ ଟ୍ରକ ସହ ଦୁର୍ଘଟଣା ଘଟିଥିଲା। ତେଲଟାଙ୍କି ଟ୍ରକଟି ବୋଲେରୋ ଗାଡିକୁ ଧକ୍କା ଦେଇଥିବାରୁ ଏହି ଦୁର୍ଘଟଣା ଘଟିଥିଲା। ଏହି ଗାଡି ଦୁର୍ଘଟଣାରେ ବୋଲେରୋ ଗାଡ଼ିରେ ବସିଥିବା ଅନିମା ସରକାର ଓ ପୂର୍ଣ୍ଣିମା ମଣ୍ଡଳ(୧୬) ନାମକ



ନାବାଳିକା ଆହତ ହୋଇଛନ୍ତି। ସେହି ରାସ୍ତା ଦେଇ ଜୟପୁରରୁ ମାଲକାନଗିରି ଅଭିମୁଖେ ଆସୁଥିବା ଏକ ଘରୋଇ ବସ ଯୋଗେ ଆହତ ଓ ବୋଲେରୋର ସମସ୍ତ ଯାତ୍ରୀଙ୍କୁ ମାଲକାନଗିରି ଅଣାଯାଇଛି। ଆହତଙ୍କୁ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି। ଘଟଣାସ୍ଥଳରେ ପୁଲିସ ଦୁଇଟି ଗାଡି ଜବତ କରି ତଦନ୍ତ ଆରମ୍ଭ କରିଛି।

# ଇକୋ କ୍ଲବ୍ ସବୁଜ ବାହିନୀର ପରିବେଶ ସୁରକ୍ଷା ସଚେତନତା



**ମାଲକାନଗିରି, ୯।୪(ସମିସ)**

ମାଲକାନଗିରି ମହାବିଦ୍ୟାଳୟ ସଭାକକ୍ଷରେ ଇକୋ କ୍ଲବ ସବୁଜ ବାହିନୀ ଆନୁକୂଲ୍ୟରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଆରମ୍ଭ ହୋଇଯାଇଛି। ସବୁଜ ବାହିନୀ ଅଧିକାରୀ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ମହାବିଦ୍ୟାଳୟର ଅଧକ୍ଷ ଲିଙ୍ଗରାଜ ମିଶ୍ର, ମୁଖ୍ୟବକ୍ତା ରୂପେ ବାଣିଶ୍ରୀ ମନସ୍ୱିନୀ ଦେବୀ, ଭାରପ୍ରାପ୍ତ ବନାଞ୍ଚଳ ରେଞ୍ଜର ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ ବରିଷ୍ଠ ଅଧାପକ ଅଶୋକ ଷଡ଼ଙ୍ଗୀ ଯୋଗଦାନ କରିଥିଲେ। ସବୁଜବାହିନୀ ଅଧିକାରୀ ଡକ୍ଟର ସ୍ୱାଇଁଙ୍କ ତତ୍ୱାଧାନରେ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ମହାବିଦ୍ୟାଳୟର ଅଧାପକ ଗୌତମ ନାୟକ, ପ୍ରମୋଦ ପରିଡ଼ା, ଆର. କ୍ରାନ୍ତି ସାଗର ସହଯୋଗ କରିଥିଲେ। ଅଧାପିକା ପ୍ରେମରେଖା ଭତ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ମାଲକାନଗିରି ମହାବିଦ୍ୟାଳୟର ଅଧାପକ ଓ ଅଧାପିକା ସମେତ ତିନିଶହରୁ ଅଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଜଙ୍ଗଲ ଓ ପରିବେଶ ବିଭାଗ, ଜଳବାୟୁ ପରିବର୍ତ୍ତନ ବିଭାଗ ସହଯୋଗ ପ୍ରଦାନ କରିଥିଲା। ଫରେଷ୍ଟର ରବିନାରାୟଣ ଖଣ୍ଡୁଆଳ ନିଜେ ଗଛ ଲଗାଇ ଛାତ୍ରଛାତ୍ରୀମାନଙ୍କୁ ଗଛ ଲଗାଇବା ପାଇଁ ଉତ୍ସାହିତ କରିଥିଲେ। ସବୁଜ ଜୀବନ ଯାପନ ପାଇଁ ଏକ ଶପଥ ପାଠ କରାଯାଇଥିଲା।

# ଗୁମୁଡ଼ା ଫାଣ୍ଡି ପକ୍ଷରୁ ଜଳଛତ୍ର ସେବା

**ରାମନାଗୁଡ଼ା, ୯।୪(ସମିସ):** ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ଅନ୍ତର୍ଗତ ଗୁମୁଡ଼ା ପୁଲିସ ଫାଣ୍ଡି ପକ୍ଷରୁ ଗୁମୁଡ଼ାରେ ଜଳଛତ୍ର ଖୋଲାଯାଇଛି। ଲୋକଙ୍କୁ ଜଳଦାନ କରି ଜୀବନକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଗୁଡାରି ଥାନାଧିକାରୀ ସମର୍ପିତା ସ୍ୱାଇଁଙ୍କ ଦ୍ୱାରା ଉଦଘାଟିତ ହୋଇଥିବା ଏହି ଜଳଛତ୍ର ଫାଣ୍ଡି ଅଧିକାରୀ ବସନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେବ। ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା ଜଳଛତ୍ର ପାଇଁ ଲୋକେ ସାଧୁବାଦ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଫାଣ୍ଡିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



## ବିଷମ କଟକରେ ଲୋପ ପାଉଛି ଗୁଡ଼ତିଆରି ଶାଳ

# ଆଖୁ ଚାଷୀଙ୍କୁ ମିଳୁନି ପ୍ରୋତ୍ସାହନ





**ବିଷମ କଟକ, ୯।୪(ସମିସ)**

ଚାଷୀଙ୍କ ବିକାଶ କ୍ଷେତ୍ରରେ ସରକାର କୃଷି ଏବଂ କୃଷକର ବିକାଶ ଦିଗରେ ବିଭିନ୍ନ ଯୋଜନା ପ୍ରଣୟନ କରିବା ସହ ଏଥିପାଇଁ କୋଟି କୋଟି ଟଙ୍କାର ଅର୍ଥ ଖର୍ଚ୍ଚ କରୁଛନ୍ତି। ହେଲେ ଏହାର ସୁବିଧା ଆଖୁ ଚାଷୀଙ୍କ ନିକଟରେ ଅପହଞ୍ଚ ହୋଇ ରହିଛି। ଏମିତି କିଛି ଚାଷ ଏବେ ସରକାରୀ ପ୍ରୋତ୍ସାହନ ଅନ୍ତୁଆଳରେ ରହିଯାଉଛି। ଆମେ କହୁଛୁ, ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ଅନ୍ତର୍ଗତ ଚାଟିକୋଣା ପଞ୍ଚାୟତ ବାରିଗୁଡା ଗ୍ରାମର କଥା। ଲୋକେ ପୂର୍ବର୍ ପୁରୁଷରୁ ଆଖୁ ଚାଷ ସାଙ୍ଗକୁ ଘଣାଶାଳରେ ଗୁଡ ପ୍ରସ୍ତୁତ କରିବା ଏକ ପ୍ରମୁଖ ବ୍ୟବସାୟ ହୋଇଆସୁଥିଲା। ହେଲେ ତାହା ବର୍ତମାନ ଲୋପ ପାଇବାକୁ ବସିଲାଣି। ପୂର୍ବ ପୁରୁଷରୁ ଆଖୁ ଚାଷ ହୋଇଆସୁଥିବା ବେଳେ ରାୟଗଡ଼ା ଚିନିକଳକୁ ଆଖୁ ଯୋଗାଇବା ସହ ଏହି ଠାରେ ପ୍ରସ୍ତୁତି ହେଉଥିବା ଗୁଡର ଏ ଅଞ୍ଚଳରେ ବେଶ ଚାହିଦା ଥିଲା। ଏଠାରେ ପ୍ରସ୍ତୁତ ହେଉଥିବା ଗୁଡ ରାୟଗଡ଼ା ଜିଲ୍ଲା ଓ କିଛି ଜିଲ୍ଲାରେ ମଧ ବେଶ ଚାହିଦା ରହିଥଲା। ବର୍ତ୍ତମାନ ସରକାରୀ ପ୍ରୋତ୍ସାହନ ର ଅଭାବ ସାଙ୍ଗକୁ ଏବେ ଆନ୍ଧ୍ର ଏବଂ ଛତିଶଗଡ଼ରୁ ଭେଜାଲ ଗୁଡ ଉପରେ ନିର୍ଭର କରିବା ପାଇଁ ପଡୁଛି। ଆଖୁ ଚାଷୀଙ୍କୁ ସରକାରି ପ୍ରୋତ୍ସାହନ ଅଭାବରୁ ଆଖୁ ଚାଷ ଧୀରେ ଧୀରେ କମିବାରେ ଲାଗିଲା ଯାହାଫଳରେ ଆଖୁ ଚାଷ ପ୍ରତି ଚାଷୀ ମୁହଁ ମୁଡୁଛି। ପୂର୍ବ ପୁରୁଷରୁ ଏହି ଚାଷ ହୋଇଆସୁଥିବା ବେଳେ ବର୍ତମାନ ବାରିଗୁଡା ଗ୍ରାମର ଜଣେ ମାତ୍ର ରବୀନ୍ଦ୍ର କାଣ୍ଡ ପୂର୍ବ ପୁରୁଷରୁ ଆଖୁ ଚାଷ ଜାରି ରଖିଛନ୍ତି। ନିଜ ଦୁଇ ଏକର ଜମିରୁ ଆଖୁ ଚାଷ କରି ପ୍ରତ୍ୟେକ ବର୍ଷ ଗୁଡ ଶାଳରେ ଆଖୁ ପେଡ଼ି ଗୁଡ଼ ପ୍ରସ୍ତୁତ କରୁଛନ୍ତି। ବର୍ତମାନ ମଧ ରବୀନ୍ଦ୍ର ସେହି ପୁରୁଣା ଭଙ୍ଗାଦଦରା ଆଖୁ ଘଣାରେ ବଳଦ ସାହାଯ୍ୟରେ ଆଖୁରୁ ରସ ବାହାର କରି ରନ୍ଧା ଗୁଡ଼ ପ୍ରସ୍ତୁତ କରୁଛନ୍ତି। ସେ ଜଣେ ନିଜର ଦୁଇ ଏକର ଜମିରେ ନିଜ ପ୍ରଚେଷ୍ଟାରେ ଆଖୁ ଚାଷ କରି ଗୁଡ ପ୍ରସ୍ତୁତ କରି ସ୍ଥାନୀୟ ଅଞ୍ଚଳରେ ବିକ୍ରି କରି ଏହି ପରମ୍ପରା ବଞ୍ଚେଇ ରଖିଛନ୍ତି। ଏହି ଚାଷୀଙ୍କୁ ବର୍ତମାନ ସୁଦ୍ଧା ନା ଆଖୁ ଚାଷ ପାଇଁ ହେଉ କିମ୍ବା ଗୁଡ଼ଶାଳରେ ଗୁଡ ପ୍ରସ୍ତୁତ ପାଇଁ କୌଣସି ସରକାରୀ ସହାୟତା ମିଳି ନଥିବା ରବୀନ୍ଦ୍ର ପ୍ରକାଶ କରିଛନ୍ତି। ଏହି ଗୁଡ଼ଶାଳଟି ବର୍ତ୍ତମାନ ଦୃଷ୍ଟି ଅନ୍ତୁଆଳରେ ରହିଯାଇଛ। ଏହି ଶାଳରେ ଢ଼େଲାଗୁଡ, ଚେକାଗୁଡା, ସରଗୁଡ ପ୍ରସ୍ତୁତ ହେଉଛି। ଦୁଇ ଏକର ଜମିରେ ହେଉଥିବା ଆଖୁ ଫସଲରେ ଗୁଡ ଶାଳଟି ଏକ ମାସ କାର୍ଯ୍ୟକ୍ଷମ ହେବା ପରେ ଆଖୁର ଅଭାବରୁ ଶାଳକୁ ବନ୍ଦ କରିବା ନିମନ୍ତେ ବାଧ ହେଉଛିନ୍ତି। ରବୀନ୍ଦ୍ରଙ୍କ ପରିବାରର ପାଞ୍ଚ ପ୍ରାଣୀକୁଟୁମ୍ବ ଏହି ଗୁଡ ବ୍ୟବସାୟ କରି ନିଜର ପରିବାର ପୋଷଣ କରନ୍ତି। ବଳକା ୧୧ମାସ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ନିଜ ପରିବାରର ଗୁଜରାଣ ମେଣ୍ଟାଉଛନ୍ତି। ପୂର୍ବରୁ ବାରିଗୁଡା ଗ୍ରାମରେ ୧୦ରୁ ଅଧିକା ଗୁଡଶାଳରେ ବର୍ଷତମାମ ଗୁଡ ପ୍ରସ୍ତୁତି ହୋଇ ବିକ୍ରି ହେଉଥିବା ବେଳେ କ୍ରମଶ ଆଖୁର ଅଭାବରୁ ସବୁ ଗୁଡଶାଳ ବନ୍ଦ ହେବା ସହ ଘୋଣା ସବୁ ମାଟିରେ ମିଶି ଯାଇଛି। ରବୀନ୍ଦ୍ର ଏକ ମାତ୍ର ଚାଷୀ ଯିଏ କି ବର୍ତମାନ ସୁଦ୍ଧା ନିଜର ପ୍ରଚେଷ୍ଟାରେ ଏହି ବୃତ୍ତିକୁ ଆପଣେଇ ନେଇ ଗୁଡ ଶାଳର ପ୍ରଥାକୁ ବଞ୍ଚାଇ ରଖିଛନ୍ତି। ଆଖୁ ଚାଷ ନିମନ୍ତେ ରବୀନ୍ଦ୍ର କୃଷି ବିଭାଗ, ଉଦ୍ୟାନ୍‌କୃଷି, ବ୍ୟାଙ୍କକୁ ଯାଇ ଆଖୁ ଚାଷ ନିମନ୍ତେ ସହାୟତା ପାଇଁ ନିବେଦନ କରି ବିଫଳ ହୋଇଥିଲେ। ବର୍ତମାନ ଆଖୁ ଚାଷ ପ୍ରତି ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ପ୍ରୋତ୍ସାହନ ମିଳିଲେ ଆମ ଅଞ୍ଚଳର ବହୁ ଚାଷୀ ଚାଷ କରିବା ନିମନ୍ତେ ଆଗଭର ହେବେ ଏବଂ ପୂର୍ବଭଳି ବର୍ତମାନ ନୂତନ ଜ୍ଞାନକୌଶଳରେ ଗୁଡ ପ୍ରସ୍ତୁତି ହେବ। ଏହାସହ ବହୁ ଲୋକ ଆତ୍ମନିର୍ଭରଶୀଳ ହୋଇ ରୋଜଗାରକ୍ଷମ ହୋଇପାରିବେ ବୋଲି ରବୀନ୍ଦ୍ର ପ୍ରକାଶ କରିଛନ୍ତି।

# ବିପର୍ଯ୍ୟସ୍ତ ରାସ୍ତା; ଗୁଡ଼ାରୀ ଜନସାଧାରଣ ହନ୍ତସନ୍ତ

**ଗୁଡାରୀ, ୯।୪ (ସମିସ):** ରାୟଗଡ଼ା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଜନର ଅବହେଳା ଯୋଗୁଁ ବିଜୁ ସେତୁଠାରୁ ଗୁଡାରୀ ମୁଖ୍ୟରାସ୍ତା କାମ ନ ହୋଇ ପଡ଼ିରହିଛି; ଯାହା ବିଭାଗ ପାଇଁ ହାସ୍ୟାସ୍ପଦର କଥା। ଗୁଡାରୀ ରାସ୍ତାରେ ପ୍ରାୟ ୮୦ ଖଣ୍ଡ ଗ୍ରାମବାସୀ ଜୀବନଜିବିକା ପାଇଁ ନିର୍ଭର କରନ୍ତି। ସବୁ ସମୟରେ ଯାତାୟାତ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ବିଭିନ୍ନ ବିଭାଗକୁ ଦିଆଗଲେ ମଧ କ'ଣ ପାଇଁ କାର୍ଯ୍ୟରେ ବିଳମ୍ବ ତାହା କାହା ପାଖରେ ଏହି ପ୍ରଶ୍ନର ଉତ୍ତର ନାହିଁ। ଗୋଟିଏ ବିଭାଗ ଅନ୍ୟ ବିଭାଗ ଉପରେ ଦୋଷ ଦେଇ ନିର୍ମାଣାଧୀନ ରାସ୍ତାକୁ ବାରମ୍ବାର ବନ୍ଦ କ'ଣ ପାଇଁ କରାଯାଉଛି। ସବୁବେଳେ ବିଭାଗୀୟ ଅଧିକାରୀମାନେ ଜଣେ ଅନ୍ୟ ଜଣଙ୍କ ଉପରେ କାଦୁଅ ପିଙ୍ଗା ପିଙ୍ଗିରେ ବ୍ୟସ୍ତ ରହୁଥିବା ବେଳେ ରାସ୍ତା କାମ ହୋଇପାରୁନାହିଁ। ଗୁଡାରୀ ସହରର ପ୍ରବେଶ ରାସ୍ତାଟି ଯେଉଁ ଅବସ୍ଥାରେ ପଡ଼ିରହିଛି ଯେ କୌଣସି ବ୍ୟକ୍ତି ଦେଖିବ ସରକାରଙ୍କ ଉପରେ ଅଙ୍ଗୁଠି ଉଠେଇବାକୁ ବାଧ ହେବେ. କିନ୍ତୁ ଏହା ସରକାରଙ୍କ ଭୁଲ ନୁହଁ ବିଭାଗର ଖାମଖିଆଲ ଯୋଗୁଁ ଏହି ଅବ୍ୟବସ୍ଥା। ଠିକାଦାର ରାସ୍ତା କାମ ଆରମ୍ଭ କରିବା ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ କୌଣସି ପ୍ରକାର ରାସ୍ତାର ନଥିପତ୍ର ଠିକାଦାର ଆଗରେ ଉପସ୍ଥାପନା କରେ ନାହିଁ ଯଦି କରେ ତେବେ ରାସ୍ତା ନିର୍ମାଣ ପାଇଁ କୁଣ୍ଠିତ କ'ଣ ପାଇଁ ? ଏମିତି ଗୁଡ଼ିଏ ଉବାଚ ଏହି ରାସ୍ତାକୁ ନେଇ ସାଧାରଣ ଜନତାଙ୍କ ମନରେ ପ୍ରଶ୍ନ ଉଠେ। ଅବହେଳିତ ବିଭାଗ ଏହି କାମ ଆଗକୁ ନେଇ ଶେଷ କରୁଛି ନା ଅନ୍ୟ ଉପରେ ଦୋଷ ଦେଇ ହାତ ଝାଡୁଛି ତାହା ଦେଖିବାକୁ ଅଛି।

## ମରାମତି ଦାବି



# ତେଜସ୍ୱୀ ପଡ଼ିଆରେ ଦୁଲୁକାଉଛି ଉଗାଦି ମଞ୍ଚ







**ରାୟଗଡ଼ା, ୯।୪(ସମିସ):** ହଜାର ହଜାର ଦର୍ଶକଙ୍କ ଗହଣରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଦୁଲକି ଉଠିଛି ଉଗାଦି ମଞ୍ଚ। ରାୟଗଡ଼ାରେ ବସବାସ କରୁଥିବା ତେଲୁଗୁ ସମ୍ପ୍ରଦାୟର ଭାଇ ଭଉଣୀମାନେ ମଙ୍ଗଳବାର 'ଉଗାଦୀ ଉତ୍ସବ ଓ ନୂଆ ବର୍ଷ'କୁ ଧୂମଧାମରେ ପାଳନ କରିଛନ୍ତି। ଉଗାଦୀ ଉତ୍ସବ କମିଟି ପକ୍ଷରୁ ହୋଟେଲ ତେଜସ୍ୱୀ ସମ୍ମୁଖ ପଡ଼ିଆଠାରେ କମିଟି ୧୨ତମ ଉତ୍ସବ ପାଳନ କରିଛି। ମଙ୍ଗଳବାର ଓ ବୁଧବାର ଏହି ଉତ୍ସବ

> ସ୍ଥାନୀୟ କଳାକାରଙ୍କ ଦମ୍‌ଦାର ପରିବେଷଣ; ଝୁମିଲେ ଦର୍ଶକ
> ତେଲୁଗୁ ସମ୍ପ୍ରଦାୟର କଳା, ସଂସ୍କୃତି, ପରମ୍ପରା ବଜାୟ ରହୁ: ଭାସ୍କର ରାଓ

ପାଳନ କରାଯିବାକୁ ଥିବା ବେଳେ କମିଟି ସଭାପତି ଏନ. ଭାସ୍କର ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଦିନର ସାଂସ୍କୃତିକ ସନ୍ଧ୍ୟାରେ ବିଜୁ ଜନତା ଦଳର କୋରାପୁଟ ଲୋକସଭା ସାଂସଦ ପ୍ରାର୍ଥୀନୀ କୌଶଲ୍ୟା ହିକକା, ପୂର୍ବତନ କୋରାପୁଟ ଲୋକସଭା ସାଂସଦ ତଥା କୋରାପୁଟ ଜିଲ୍ଲା ବିଜୁ ଜନତା ଦଳ ସଭାପତି ଝିନ୍ନ ହିକକା, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ତଥା ବିଜେଡି ରାୟଗଡ଼ା ବିଧାନସଭା ଆସନ ପ୍ରାର୍ଥିନୀ ଅନୁସୟା ମାଝୀଙ୍କ ସମେତ କମିଟି ଆବାହକ ରାଇସିଂ ବିଡ଼ିକା, କମିଟି କର୍ତ୍ତୃପକ୍ଷ ଚନ୍ଦ୍ରମଉଳି କୁମୁନ୍ଦନ, ଏସ .ଜଗନ୍ନାଥ ରାଓ, ରାଘବ କୁମୁନ୍ଦନ, ସଙ୍ଗମ ନାଇଡୁ, ଏନ. କ୍ରିଷ୍ଣା ଚୈତନ୍ୟା, ପିଭିପି ରାମୁ, ଇପିଲି ସନ୍ୟାସୀ ରାଓ, ବି. ଭେଙ୍କେଟସ୍ୱର ରାମଣା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ରାୟଗଡ଼ାର ସ୍ଥାନୀୟ କଳାକାରମାନେ ଚିତାକର୍ଷକ ନୃତ୍ୟଗୀତ ପରିବେଷଣ କରିଥିଲେ। ମଙ୍ଗଳବାର ସକାଳେ ପଞ୍ଚାଙ୍ଗ ଶ୍ରବଣମ, କବିତା ଗୋଷ୍ଠୀ, ଉଗାଦୀ ପାଇଁ ସ୍ୱତନ୍ତ୍ର ଆମ୍ବ ଆଚାର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅପରାହ୍ନରେ ଶ୍ରୀଜଗନ୍ନାଥ ମନ୍ଦିରଠାରୁ ଉତ୍ସବସ୍ଥଳ ପଡ଼ିଆ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ପରେ ଉଗାଦି ଉତ୍ସବ ମଞ୍ଚରେ ଜ୍ୟୋତି ପଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ, ପ୍ରାର୍ଥନା, ପୁରସ୍କାର ବିତରଣ, ଧନ୍ୟବାଦ ଅର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାଇଚାରାର ରାୟଗଡ଼ା ସହରରେ ତେଲୁଗୁ ସମ୍ପ୍ରଦାୟର କଳା, ସଂସ୍କୃତି, ସାହିତ୍ୟ, ପରମ୍ପରା ଓ ଐତିହ୍ୟକୁ ବଜାୟ ରଖିବା ଉଦ୍ଦେଶ୍ୟ ନେଇ ଏହି ଉତ୍ସବକୁ ଓଡ଼ିଆ ଭାଇଭଉଣୀଙ୍କ ସହ ମିଶି ରାୟଗଡ଼ାରେ ଧୂମଧାମରେ ପାଳନ କରାଯାଉଛି ତେଣୁ ସମସ୍ତେ ଏହି ଉତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ସଭାପତି ଭାସ୍କର ରାଓ ଅନୁରୋଧ କରିଛନ୍ତି। ବୁଧବାର ୧୦ ତାରିଖ ସଂଧ୍ୟାରେ ତେଲୁଗୁ ସଙ୍ଗୀତ ଜଗତର ଖ୍ୟାତାନାମା ଗାୟକ ତଥା ଅଭିନେତା ମାନୋଙ୍କ ସମେତ ଗାୟକ ଅରୁଣ କୌଦିନୟା, ଶ୍ରବଣା ଭାର୍ଗବୀ, ହାରିକା ନାରାୟଣ ପ୍ରମୁଖ ଶ୍ରୋତାଙ୍କୁ ତାଙ୍କ ସୁମଧୁର କଣ୍ଠରେ ଗୀତ ଗାଇ ମନୋରଞ୍ଜନ କରିବେ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

ଭଉଣୀମାନେ ମଙ୍ଗଳବାର 'ଉଗାଦୀ ଉତ୍ସବ ଓ ନୂଆ ବର୍ଷ'କୁ ଧୂମଧାମରେ ପାଳନ କରିଛନ୍ତି। ଉଗାଦୀ ଉତ୍ସବ କମିଟି ପକ୍ଷରୁ ହୋଟେଲ ତେଜସ୍ୱୀ ସମ୍ମୁଖ ପଡ଼ିଆଠାରେ କମିଟି ୧୨ତମ ଉତ୍ସବ ପାଳନ କରିଛି। ମଙ୍ଗଳବାର ଓ ବୁଧବାର ଏହି ଉତ୍ସବ ପାଳନ କରାଯିବାକୁ ଥିବା ବେଳେ

କମିଟି ସଭାପତି ଏନ. ଭାସ୍କର ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଦିନର ସାଂସ୍କୃତିକ ସନ୍ଧ୍ୟାରେ ବିଜୁ ଜନତା ଦଳର କୋରାପୁଟ ଲୋକସଭା ସାଂସଦ ପ୍ରାର୍ଥୀନୀ କୌଶଲ୍ୟା ହିକକା, ପୂର୍ବତନ କୋରାପୁଟ ଲୋକସଭା ସାଂସଦ ତଥା କୋରାପୁଟ ଜିଲ୍ଲା ବିଜୁ ଜନତା ଦଳ ସଭାପତି ଝିନ୍ନ ହିକକା, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ତଥା ବିଜେଡି ରାୟଗଡ଼ା ବିଧାନସଭା ଆସନ ପ୍ରାର୍ଥିନୀ ଅନୁସୟା ମାଝୀଙ୍କ ସମେତ କମିଟି ଆବାହକ ରାଇସିଂ ବିଡ଼ିକା, କମିଟି କର୍ତ୍ତୃପକ୍ଷ ଚନ୍ଦ୍ରମଉଳି କୁମୁନ୍ଦନ, ଏସ .ଜଗନ୍ନାଥ ରାଓ, ରାଘବ କୁମୁନ୍ଦନ, ସଙ୍ଗମ ନାଇଡୁ, ଏନ. କ୍ରିଷ୍ଣା ଚୈତନ୍ୟା, ପିଭିପି ରାମୁ, ଇପିଲି ସନ୍ୟାସୀ ରାଓ, ବି. ଭେଙ୍କେଟସ୍ୱର ରାମଣା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ରାୟଗଡ଼ାର ସ୍ଥାନୀୟ କଳାକାରମାନେ ଚିତାକର୍ଷକ ନୃତ୍ୟଗୀତ ପରିବେଷଣ କରିଥିଲେ। ମଙ୍ଗଳବାର ସକାଳେ ପଞ୍ଚାଙ୍ଗ ଶ୍ରବଣମ, କବିତା ଗୋଷ୍ଠୀ, ଉଗାଦୀ ପାଇଁ ସ୍ୱତନ୍ତ୍ର ଆମ୍ବ ଆଚାର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅପରାହ୍ନରେ ଶ୍ରୀଜଗନ୍ନାଥ ମନ୍ଦିରଠାରୁ ଉତ୍ସବସ୍ଥଳ ପଡ଼ିଆ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ପରେ ଉଗାଦି ଉତ୍ସବ ମଞ୍ଚରେ ଜ୍ୟୋତି ପଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ, ପ୍ରାର୍ଥନା, ପୁରସ୍କାର ବିତରଣ, ଧନ୍ୟବାଦ ଅର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାଇଚାରାର ରାୟଗଡ଼ା ସହରରେ ତେଲୁଗୁ ସମ୍ପ୍ରଦାୟର କଳା, ସଂସ୍କୃତି, ସାହିତ୍ୟ, ପରମ୍ପରା ଓ ଐତିହ୍ୟକୁ ବଜାୟ ରଖିବା ଉଦ୍ଦେଶ୍ୟ ନେଇ ଏହି ଉତ୍ସବକୁ ଓଡ଼ିଆ ଭାଇଭଉଣୀଙ୍କ ସହ ମିଶି ରାୟଗଡ଼ାରେ ଧୂମଧାମରେ ପାଳନ କରାଯାଉଛି ତେଣୁ ସମସ୍ତେ ଏହି ଉତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ସଭାପତି ଭାସ୍କର ରାଓ ଅନୁରୋଧ କରିଛନ୍ତି। ବୁଧବାର ୧୦ ତାରିଖ ସଂଧ୍ୟାରେ ତେଲୁଗୁ ସଙ୍ଗୀତ ଜଗତର ଖ୍ୟାତାନାମା ଗାୟକ ତଥା ଅଭିନେତା ମାନୋଙ୍କ ସମେତ ଗାୟକ ଅରୁଣ କୌଦିନୟା, ଶ୍ରବଣା ଭାର୍ଗବୀ, ହାରିକା ନାରାୟଣ ପ୍ରମୁଖ ଶ୍ରୋତାଙ୍କୁ ତାଙ୍କ ସୁମଧୁର କଣ୍ଠରେ ଗୀତ ଗାଇ ମନୋରଞ୍ଜନ କରିବେ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

■ ଚୈତ୍ର ନବରାତ୍ରିରେ ଚଳଚଞ୍ଚଳ କୋରାପୁଟ

# ଘଟ ପରିକ୍ରମାରେ ବୁଲୁଛନ୍ତି କ୍ଷେତ୍ରେଶ୍ୱରୀ ବିମଳା

**କୋରାପୁଟ, ୯।୪(ସମିସ)**

ଚୈତ୍ର ମାସରେ ବା ଶାରଦୀୟ ବାସନ୍ତିକ ଦୁର୍ଗା ପୂଜା ଆସିଲେ ଚଳଚଞ୍ଚଳ ହୁଏ କୋରାପୁଟ। ବିଶେଷକରି ଶାବର ଶ୍ରୀକ୍ଷେତ୍ରରେ କ୍ଷେତ୍ରେଶ୍ୱରୀ ମା' ବିମଳାଙ୍କର ଆରମ୍ଭ ହୋଇଛି ନବଦିନାତ୍ମକ ଦୁର୍ଗାପୂଜା। ନବଦୁର୍ଗା ବେଶରେ ମା' ପ୍ରତ୍ୟେକ ଦିନ ପୂଜା ପାଉଥିବା ବେଳେ ପରମ୍ପରା ଅନୁଯାୟୀ ପ୍ରତିଦିନ ସନ୍ଧ୍ୟାରେ ପ୍ରତିକାୟକ ଘଟ ବା କଳସ ଯାତ୍ରାରେ ବାହାରିବେ। ଦିହୁଡି, ବାଜା, ଝୁଣା, ଧୂପଦୀପ ଓ ଅନେକ ଭକ୍ତଙ୍କ ଗହଣରେ ପ୍ରତ୍ୟେକ ଦିନ ସାହି ପରିକ୍ରମା କରିବେ। ପିଠା ପଣା, ନଡିଆ, ଉଖୁଡା ଓ ଫଳମୂଳ ଇତ୍ୟାଦି ଭକ୍ତମାନେ ଭୋଗ ସମର୍ପଣ କରିବେ। ଚଳିତ ବର୍ଷ ଏହି ପର୍ବ ଦେଖିବା ପାଇଁ ଏବଂ ନିଜ ସାହିରେ ଘଟର ଉପସ୍ଥିତି ପାଇ ଶ୍ରଦ୍ଧାଳୁ ବହୁତ ଆନନ୍ଦିତ ଥିବା ଦେଖାଦେଇଛି।



ପ୍ରଥମ ଦିନରେ ମା' ବିମଳା ଶୈଳପୁତ୍ରୀ ବେଶରେ ଦର୍ଶନ ଦେଉଥିବା ବେଳେ ବନଭାରତୀ କଲୋନୀ, ଗାନ୍ଧିନଗର, ଅଶୋକ ନଗର ଓ ହାଉସିଂ ବୋର୍ଡ ସାହି ପରିକ୍ରମା କରିବେ ବୋଲି ମନ୍ଦିର ପ୍ରଶାସନ ତରଫରୁ କୁହାଯାଇଛି। ସେହିପରି ୧୦ ତାରିଖ ଦିନଭାଣ୍ଡି ସାହି, କୁମ୍ଭାର ସାହି, ଦଧିଚି ଲାଇନ, ପୂଜାରୀପୁଟ, ୧୧ ତାରିଖ ଡିଏନ୍କେ କଲୋନୀ, ପୂଜାରୀପୁଟ, ୧୨ ତାରିଖ ପୁଲିସ ଲାଇନ, ଟିକିରା ସାହି, କୁକୁଡା ଫାର୍ମ, ରଥଶର୍ମା କଲୋନୀ, ୧୩ ତାରିଖ ଗୌତମ ନଗର, ୧୪ ତାରିଖ ଅମିନ ଲାଇନ, ମାଳି ସାହି, କୋଲାବ କଲୋନୀ, ଅଫିସର କଲୋନୀ, ପୋଷ୍ଟାଲ କଲୋନୀ, ୧୫ ତାରିଖ ପରଜା ସାହି, ହାଉସିଂ ବୋର୍ଡ, ଜାନିଗୁଡା, ଖାରାଗୁଡା, ୧୬ ତାରିଖ ହାତୀ ଲାଇନ, ଏଲ୍ଆଇସି କଲୋନୀ, ଜେଲ କଲୋନୀ, ପିଏଚଡି କଲୋନୀ ଏବଂ ୧୭ ତାରିଖ ପୁଟିଲା ସାହି ଓ ଟାଉନ ସଂଧ୍ୟାରେ ମା'ଙ୍କର ପ୍ରତିକାରକ ଘଟ ବା କଳସ ସାହି ପରିକ୍ରମା କରିବେ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

● ଅସହାୟ ଶ୍ରୀନିବାସଙ୍କୁ ମିଳିଲା ଟ୍ରାଇସାଇକଲ

# ଜିଲ୍ଲାପାଳଙ୍କୁ ଧନ୍ୟବାଦ ଜଣାଇଲେ ପରିବାର



**ମୁନିଗୁଡ଼ା, ୯।୪(ସମିସ)**

ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ କୁଟୁରୁପାଲି ଗ୍ରାମର ଶ୍ରୀନିବାସ ସାହୁ। ସଡ଼କ ଦୁର୍ଘଟଣାରେ ଏକପ୍ରକାର ଅଚଳ ହୋଇ ପଡ଼ିଥିବା ଶ୍ରୀନିବାସ ଅସହାୟ ହୋଇ ପଡ଼ି ରହିଥିଲେ। ପ୍ରଶାସନ ଏହାର ତଦନ୍ତ କରି ତାଙ୍କୁ ଏକ ଟ୍ରାଇସାଇକଲ ପ୍ରଦାନ କରିଛି। ଏ ସମ୍ପର୍କରେ କିଛି ଦିନ ତଳେ 'ସକାଳ'ରେ ଖବର ପ୍ରକାଶ ପାଇଲା ପରେ ପ୍ରଶାସନ ତତ୍ପରତା ପ୍ରକାଶ କରିବା ସହ ଗରିବ ଭିନ୍ନକ୍ଷମଙ୍କୁ ଉଚିତ ସହାୟତା ପ୍ରଦାନ କରିଛି।

'ସକାଳ' ପ୍ରଭାବ

ସୂଚନା ଅନୁସାରେ, ଶ୍ରୀନିବାସଙ୍କ ଘରେ ସ୍ତ୍ରୀ, ଝିଅ, ଶାଶୂଙ୍କୁ ନେଇ ୪ ପ୍ରାଣୀକୁଟୁମ୍ବ। ପେସା।ରେ ସେ ଥିଲେ ଜଣେ ରାଜମିସ୍ତ୍ରି। ସେ ଆଜି ପାଲଟି ଯାଇଛନ୍ତି ଅସହାୟ। ବର୍ଷକ ପୂର୍ବରୁ ହୋଇଥିବା ଦୁର୍ଘଟଣା ତାଙ୍କର ସୁଖର ସଂସାର ଭାଙ୍ଗିଦେଇଛି। ଉକ୍ତ ସଡ଼କ ଦୁର୍ଘଟଣାରେ ସେ ଦିବ୍ୟାଙ୍ଗ ପାଲଟି ଯାଇଛନ୍ତି। ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ ଅକ୍ଷମ। ଖବରକାଗଜ 'ସକାଳ'ରେ ଏହି ଖବର ପ୍ରକାଶ ପାଇବା ପରେ ରାୟଗଡ଼ା ଜିଲ୍ଲାପାଳ ଉକ୍ତ ଅସହାୟ ପରିବାର ବିଷୟରେ ତଦନ୍ତ କର ସହଯୋଗ କରିବା ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ମୁନିଗୁଡା ବିଡିଓ ପ୍ରିତମ କୁମାର ତନ୍ତୀଙ୍କ ତତ୍ୱାବଧାନରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅକ୍ଷୟ ବେହେରା ପରିବାରକୁ ଭେଟି ଏକ ଟ୍ରାଇସାଇକଲ ପ୍ରଦାନ କରିଛନ୍ତି। ଯଥାଶୀଘ୍ର ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ଭିନ୍ନକ୍ଷମ ପ୍ରମାଣପତ୍ର ପଞ୍ଜୀକରଣ କରାଯାଇଛି। ଶ୍ରୀନିବାସଙ୍କ ବୟସ ଅନୁସାରେ, ସେ ମଧୁବାବୁ ପେନସନ ଯୋଜନାରେ ୫ ସହ ଟଙ୍କା ପାଉଥିବା ବେଳେ ପ୍ରମାଣପତ୍ର ମିଳିଲେ ଭତ୍ତା ରାଶି ବର୍ଦ୍ଧିତ ହେବ ବୋଲି ମଧ୍ୟ ମୁନିଗୁଡା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ଶ୍ରୀନିବାସଙ୍କ ପରିବାର ରାସନ୍ କାର୍ଡ ଦସପଲା ଏରିଆରେ ଥିବାରୁ ଉକ୍ତ ରାସନ୍ କାର୍ଡ ମୁନିଗୁଡା ବ୍ଲକକୁ ସ୍ଥାନାନ୍ତରିତ କରିବା ପାଇଁ ବ୍ୟବସ୍ଥା ମଧ୍ୟ ଚାଲିଛି। ସୂଚନା ଅନୁଯାୟୀ ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ କୁଟୁରୁପାଲି ଗ୍ରାମର ଶ୍ରୀନିବାସ ସାହୁ ନୟାଗଡ଼ ଜିଲ୍ଲାର ଦଶପଲ୍ଲା ଅଞ୍ଚଳର ହୋଇଥିବା ବେଳେ ସେ ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ରାଣୀପିଣ୍ଡା ପଞ୍ଚାୟତ କୁଟୁରୂପାଲି ଗ୍ରାମରେ ବାସ କରନ୍ତି। ଶ୍ରୀନିବାସଙ୍କ ଅସହାୟ ପରିବାର ନିକଟରେ ପ୍ରଶାସନ ପହଞ୍ଚି ସହଯୋଗର ହାତ ବଢ଼ାଇଥିବାରୁ ପରିବାର ଓ ଅଞ୍ଚଳବାସୀ ରାୟଗଡ଼ା ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ବର୍ମା ପ୍ରାଥମିକ ବିଦ୍ୟାଳୟରେ ରୌଦ୍ରତାପ ସଚେତନତା

**ସୁନାବେଡ଼ା, ୯।୪(ସମିସ):** ସୁନାବେଡା-୩ସ୍ଥିତ ବର୍ମା ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ପ୍ରଚଣ୍ଡ ରୌଦ୍ରତାପ ସମ୍ପର୍କରେ ସଚେତନତା କରାଇବା ନିମନ୍ତେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁସନ୍ଧ୍ୟା ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସୁନାବେଡ଼ା ସିଡିପିଓ ନଳିନୀ ବେହେରା, ମୁଖ୍ୟବକ୍ତା ଭାବରେ ମିଗ୍ ୪ କ୍ଲଷ୍ଟରର ଆଞ୍ଚଳିକ ସାଧନ କର୍ମୀ ସ୍ନେହଲତା ଦାଶ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ତ୍ରିଲୋଚନ ବେହେରା, 'ସକାଳ'ର ପ୍ରତିନିଧି ମନୋଜ କୁମାର ମୁଦୁଲି ଯୋଗ ଦେଇଥିଲେ। ସଞ୍ଜୟ ମିଶ୍ର, ଶିକ୍ଷୟିତ୍ରୀ ସରୋଜ ନଳିନୀ ସଗରିଆ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷା ରୀନା ବାଘ, ସମାଳି ଦାସ, ଗୌରୀଶଙ୍କର ଓଝା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଅଂଶୁଘାତର ମୁକାବିଲା ପାଇଁ ପଦକ୍ଷେପ ନେଇ ବର୍ମା ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ନିଜ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଥିବା ରାସ୍ତାକଡ଼ରେ ମାଠିଆ ଯୋଗେ ଜଳଛତ୍ର ସ୍ଥାପନ କରାଯାଇଛି।

■ ରାସ୍ତାକଡ଼ରେ ଜଳଛତ୍ର ସ୍ଥାପନ




# କୋଟିଆରେ ନିର୍ବାଚନ ନେଇ ଆନ୍ଧ୍ରର ପ୍ରସ୍ତୁତି

**ପଟାଙ୍ଗି, ୯।୪(ସମିସ):** ଓଡ଼ିଶା ଏବଂ ଆନ୍ଧ୍ରରେ ନିର୍ବାଚନ ଗୋଟିଏ ଦିନରେ ହେବାକୁ ଯାଉଛି। ପ୍ରଥମ ପର୍ଯ୍ୟାୟର ନିର୍ବାଚନ ମେ ମାସ ୧୩ ତାରିଖ ରହିଛି। ଉକ୍ତ ନିର୍ବାଚନ ଉଭୟ ଆନ୍ଧ୍ର ଏବଂ ଓଡ଼ିଶା ମଧ୍ୟରେ ବିବାଦ ଲାଗି ରହିଥିବା କୋଟିଆରେ ମଧ୍ୟ ହେବାକୁ ଯାଉଛି। କୋଟିଆ ନିର୍ବାଚନ ନିମନ୍ତେ ଉଭୟ ଓଡ଼ିଶା ଏବଂ ଆନ୍ଧ୍ର ପ୍ରସ୍ତୁତି ପ୍ରାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆନ୍ଧ୍ରପ୍ରଦେଶର ଉପମୁଖ୍ୟମନ୍ତ୍ରୀ ତଥା ସାଲୁର ବିଧାୟକ ବିଡିକା ରାଜନ ଦୋରା ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି।

ସେ ଓଡ଼ିଶା ସରକାର କୋଟିଆବାସୀଙ୍କ ଜୀବନ ଜୀବିକା ନିର୍ବାହ କରିବାରେ



ଅସୁବିଧା ସୃଷ୍ଟି କରାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଆମେ କାହିଁକି ଓଡ଼ିଶା ବିରୋଧରେ ସୁପ୍ରିମକୋର୍ଟକୁ ଯିବୁ ବୋଲି ପ୍ରଶ୍ନ କରିବା ସହ ଗତ ପଞ୍ଚାୟତ ନିର୍ବାଚନ ଦୃଷ୍ଟିରେ ରଖି ଚଳିତ ବିଧାନସଭା ନିର୍ବାଚନ ନିମନ୍ତେ ପ୍ରିଜାଇଡିଂ ଅଧିକାରୀ, ଜିଲ୍ଲାପାଳ, ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଏକ ଲେଖା ପ୍ରଦାନ କରି ସେଥିରେ ନିର୍ବାଚନ ସମୟରେ ସ୍ୱତନ୍ତ୍ର ପୁଲିସ ରଖିବା ନିମନ୍ତେ ନିବେଦନ କରିଥିବା ନେଇ କହିଛନ୍ତି। ପ୍ରକାଶ ଥାଉକି, ଓଡ଼ିଶା ସରକାର କୋଟିଆରେ ୯ଟି ପୋଲିଂ କେନ୍ଦ୍ର କରିଥିବା ବେଳେ ଆନ୍ଧ୍ର ୩ଟି ପୋଲିଂ କେନ୍ଦ୍ର କୋଟିଆ ସୀମାନ୍ତରୁ ବାହାରେ କରିଛି। ଚଳିତ ନିର୍ବାଚନ ସମୟରେ ମଧ୍ୟ ଆନ୍ଧ୍ର ଗାଡ଼ି କରି ଲୋକଙ୍କୁ ନେବାକୁ ଯୋଜନା ରଖିଥିବା ବେଳେ ଲୋକଙ୍କ ନିମନ୍ତେ ଭୋଜିର ବ୍ୟବସ୍ଥା କରିଥିବା ନେଇ ସୂଚନା ମିଳିଛି। କିନ୍ତୁ ଆନ୍ଧ୍ରର ଉକ୍ତ ଷଡ଼ଯନ୍ତ୍ରକୁ ବୁଦ୍ଧିଜୀବୀମାନେ ବିରୋଧ କରୁଥିବା ନେଇ ଜଣାପଡ଼ିଛି।

▶ ପାଣି ପାଇଁ ଡହଳବିକଳ କୁନ୍ଦ୍ରାଗୁଡ଼ା ଗ୍ରାମବାସୀ

# ଗୋଟିଏ ନଳକୂଅକୁ ୩୦ ପରିବାର

**ବୋରିଗୁମ୍ମା, ୯।୪(ସମିସ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅଞ୍ଚଳା ପଞ୍ଚାୟତ କୁନ୍ଦ୍ରାଗୁଡ଼ା ଗ୍ରାମରେ ବର୍ଷ ବର୍ଷ ଧରି ପାନୀୟ ଜଳ ପାଇଁ ଡହଳ ବିକଳ ହେଉଛନ୍ତି। ଗ୍ରାମବାସୀ ଏନେଇ ପ୍ରଶାସନଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ ସମସ୍ତଙ୍କୁ ବାରମ୍ବାର ଗୁହାରି କରିଥିଲେ ବି କେହି କର୍ଣ୍ଣପାତ କରୁନାହାନ୍ତି। ନିର୍ବାଚନ ସମୟରେ ନେତା ପ୍ରତିଶ୍ରୁତି ଦେଇ ପରେ ଭୁଲି ଯାଇଛନ୍ତି। ବର୍ଷ ବର୍ଷ ଧରି ଗ୍ରାମବାସୀଙ୍କ ଦୁଃଖ ବୁଝିବା ପାଇଁ ଅବହେଳା କାରଣରୁ ଲୋକେ ପାଣି ନପାଇ ନାହିଁ ନଥିବା ହଇରାଣ ହେଉଛନ୍ତି। ଏହି ଗ୍ରାମରେ ଭତ୍ରା ସାହିରେ ୨୫ରୁ ୩୦ ପରିବାର ବସବାସ କରୁଛନ୍ତି। ଏହି ଗ୍ରାମରେ ବସୁଧା ଯୋଜନା ସାତସପନ ହୋଇଥିବା ବେଳେ ଏକମାତ୍ର ଅଙ୍ଗନବାଡି କେନ୍ଦ୍ରର ନଳକୂପ ହିଁ ସେମାନଙ୍କ ସାହାଭରସା ଥିଲା। ତାହା ମଧ୍ୟ କେନ୍ଦ୍ରରେ ପାଚେରି ନିର୍ମାଣ ହେବାରୁ ପାଣି ମିଳିବା ବନ୍ଦ ହୋଇଗଲା। ଏଥିପାଇଁ ଗ୍ରାମବାସୀ ହରିଜନ ସାହିରେ ଥିବା ନଳକୂପ ଉପରେ ନିର୍ଭର କରି ଆସୁଛନ୍ତ। ତାହାମଧ୍ୟ ଅଚଳ ଅବସ୍ଥାରେ ଅଛି ଘଣ୍ଟାଟି ମାରିଲେ ହାଣ୍ଡି ପାଣି ବାହାରୁଛ। ସକାଳ ହେଲେ ନଳକୂପରେ ଲାଗିଥାଏ ଲମ୍ବା ଲାଇନ। ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଛି। ଜଳସ୍ତର କମିବାରେ ମଧ୍ୟ ଲାଗିଛି। ଏପରି ସ୍ଥିତିରେ ଗ୍ରାମବାସୀ ସୋମବାର ସମସ୍ୟା ଉପରେ ସ୍ଥାନୀୟ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ନିକଟକୁ ଅଭିଯୋଗ କରିବାକୁ ଯାଇଥିବା ଜଣାପଡ଼ିଛ। ପ୍ରଶାସନିକ ଅଧିକାରୀ ଅନୁପସ୍ଥିତ ଥିବାରୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାଧୁରୀ ଆଚାରୀଙ୍କ ନିକଟରେ ଅଭିଯୋଗପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ତୁରନ୍ତ ପାନୀୟ ଜଳ ସମସ୍ୟାର ସମାଧାନ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ବେଦାନ୍ତର ୨ୟ ପର୍ଯ୍ୟାୟ ପ୍ରକଳ୍ପ 'ପଞ୍ଛି' ଅଭିଯାନ

# ଅଣସଂରକ୍ଷିତ ବର୍ଗର ୧ ହଜାର ଯୁବତୀ ହେବେ ସ୍ୱାବଲମ୍ବୀ

**ମୁନିଗୁଡା, ୯ ।୪(ସମିସ):** ବେଦାନ୍ତ ଲିମିଟେଡ୍, ଭାରତର ସ୍ମେଲଟର ଗ୍ରେଡ୍ ଆଲୁମିନା ଉତ୍ପାଦକ ତଥା ବେଦାନ୍ତ ଆଲୁମିନିୟମର ଏକ ୟୁନିଟ୍, ଏହାର ଅନନ୍ୟ ନିଯୁକ୍ତି ଡ୍ରାଇଭ୍ 'ପ୍ରକଳ୍ପ ପଞ୍ଛି'ର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିଛି। ଦେଶବ୍ୟାପୀ ଅଣସଂରକ୍ଷିତ ସମ୍ପ୍ରଦାୟର ୧୦୦୦ ବାଳିକାଙ୍କ ଜୀବନ ଧାରଣରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖିଛ। ଏହି ପ୍ରକଳ୍ପର ଏକ ଅଂଶ ଭାବରେ ପ୍ରାର୍ଥୀମାନେ ଅଗ୍ରଣୀ ଶିକ୍ଷାନୁଷ୍ଠାନଗୁଡିକରେ ସେମାନଙ୍କର ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ପାଇବା ସହ ଶିକ୍ଷା ସମାପ୍ତ ହେବା ପରେ, ବେଦାନ୍ତ ମଧ୍ୟରେ ଚାକିରି କରିବାର ସୁଯୋଗ ମଧ୍ୟ ରହିଛି। ଗତବର୍ଷ ଏହି ପ୍ରକଳ୍ପ ଆରମ୍ଭ ହେବା ପରଠାରୁ ବେଦାନ୍ତ ଲାଞ୍ଜିଗଡ଼ ୫୦ରୁ ଅଧିକ ବାଳିକାଙ୍କୁ ନିଯୁକ୍ତି ପାଇଁ ଚିହ୍ନଟ କରିଥିଲା। ଯେଉଁମାନେ ସେମାନଙ୍କ ପରିବାରର ପ୍ରଥମ ଶିକ୍ଷିତ ଅଟନ୍ତି। ଏହି ପ୍ରକଳ୍ପ ବିଷୟରେ କମ୍ପାନୀର ସିଇଓ ପ୍ରଣବ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶନାରେ ପ୍ରକଳ୍ପ ପଞ୍ଛି ବିକାଶ କରାଯାଇଛି। ବାଳିକାଙ୍କୁ ସଶକ୍ତ କରିବା ଉପରେ ବିଶେଷ ଧ୍ୟାନ ଦେଇ ସେମାନଙ୍କୁ ଉତ୍କର୍ଷ ପଥରେ ପ୍ରୋତ୍ସାହିତ କରି ସମାଜରେ ସକାରାତ୍ମକ ବିକାଶର ପରିବର୍ତ୍ତନ ଆଣିବାକୁ କମ୍ପାନୀର ସଂକଳ୍ପ ରହିଛି। ସିଏଚ୍ଆରଓ ଦିଲୀପ ସିହ୍ନା କହିଛନ୍ତି, ପ୍ରୋଜେକ୍ଟ ପଞ୍ଛି ଗତିଶୀଳ କାର୍ଯ୍ୟଶୈଳୀ ମଧ୍ୟରେ କ୍ୟାରିଅର୍ ପୂରଣ କରିବା ପାଇଁ ଏକ ମାଧ୍ୟମ। ଏହି କାର୍ଯ୍ୟକ୍ରମ ଅଧୀନରେ ମନୋନୀତ ହୋଇଥିବା ବାଳିକାମାନଙ୍କ ମଧ୍ୟରୁ ଶିତଲ କରୁଣ ନିଜର କୃତଜ୍ଞତା ଜଣାଇ କହିଛନ୍ତି, 'ମୋ ଭଳି ଅନେକ ଯୁବ ମହିଳାଙ୍କ ପାଇଁ ଏହା ଏକ ଜୀବନ ପରିବର୍ତ୍ତନକାରୀ ସୁଯୋଗ, ଯାହାକି ଉଚ୍ଚଶିକ୍ଷା ଏବଂ ବଢୁଥିବା ବୃତ୍ତି ପାଇଁ ଇଚ୍ଛା ଏକଦା ସମ୍ଭବ ନୁହେଁ। ବିବିଧତା, ସମାନତା ଏବଂ ଅନ୍ତର୍ଭୁକ୍ତ ପାଇଁ ବେଦାନ୍ତର ସାମଗ୍ରିକ ଦୃଷ୍ଟିକୋଣ ସହ ପ୍ରୋଜେକ୍ଟ ପଞ୍ଛି ସ୍ଥାନୀୟ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ବିକାଶ ଆଡକୁ ଚେଷ୍ଟା କରେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଦୁଇ ପ୍ରକାର ଓଡ଼ିଶା, ଛତିଶଗଡ଼, ରାଜସ୍ଥାନ, ଝାଡଖଣ୍ଡ, କର୍ଣ୍ଣାଟକ, ଗୋଆ ଇତ୍ୟାଦି କମ୍ପାନୀର ଧାତୁ, ଖଣି ଏବଂ ତୈଳ ଏବଂ ଗ୍ୟାସ ବ୍ୟବସାୟର ନିକଟବର୍ତ୍ତୀ ଅଞ୍ଚଳର ସୁଦୂର ସମ୍ପ୍ରଦାୟର ଯୁବତୀମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା।



# ଚଡ଼େଇଗୁଡ଼ା ଉଚ୍ଚ ବିଦ୍ୟାଳୟର ପ୍ରବେଶ ଉତ୍ସବ

ଉମରକୋଟ, ୯।୪(ସମିସ)

ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦ ଅନ୍ତର୍ଗତ ଚଡ଼େଇଗୁଡ଼ା ସରକାରୀ ଉନ୍ନିତ ଉଚ୍ଚବିଦ୍ୟାଳୟଠାରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ରାଉତଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ତ୍ରିଲୋଚନ ହରିଜନ, ସମ୍ମାନିତ ଅତିଥି ଭାବେ ମୋ ସ୍କୁଲ ଅଭିଯାନର ସଭାପତି ବଳରାମ ଗଣ୍ଡ ଏବଂ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀନୀବାସ ପାଢ଼ୀ ଯୋଗ ଦେଇଥିଲେ। ଶିକ୍ଷକ ଆଦିତ୍ୟ ମହାରଣା, ବିଜୟ ପ୍ରଧାନ, ଭାଗବତ ଦାସ, ତ୍ରିନାଥ ଭତ୍ରା, ସୁଦର୍ଶନ ହରିଜନ, ଆକୁଳ ବିଶ୍ୱାସ, ଶିକ୍ଷୟିତ୍ରୀ ପ୍ରିୟଙ୍କା ପାତ୍ର, ରଶ୍ମିତା ବରାଳ, ଅନିମା ସାମଲ, ପ୍ରିତିରାଣୀ ଦାସ, ଚଞ୍ଚଳା ବାଲା, ଜୟଶ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଦୀପ ଧୂପ ଓ ଚନ୍ଦନ ଲଗାଇ ସ୍ୱାଗତ କରି ଶ୍ରେଣୀଗୃହକୁ ପାଛୋଟି ନେବା ପରେ ପୁସ୍ତକ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଶ୍ରୀନୀବାସ ପାଢ଼ୀ ପରିଚାଳନା କରିଥିଲେ। ପରେ ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ବିଦ୍ୟାଳୟର ସୁଦର୍ଶନ ହରିଜନ ଧନ୍ୟବାଦ ଅର୍ପଣ କରିଥିଲେ।




# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସମ୍ପୂର୍ଣ୍ଣ ହେଲା ମୁଖ୍ୟରାସ୍ତା


ଫଟୋ ପୂର୍ବର


ଫଟୋ ଏବେର

'ସକାଳ' ପ୍ରଭାବ

ନବରଙ୍ଗପୁର, ୯।୪(ସମିସ):

କଥା ଦେଇ କଥା ରଖିଛି ବିଭାଗ। ନବରଙ୍ଗପୁର ଜିଲ୍ଲା ସଦର ମହକୁମା ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଗତଦିନରେ ଜନସାଧାରଣ ପାଇଁ ଏକପ୍ରକାର ମରଣଯନ୍ତା ପାଲଟିଥିଲା। ଏନେଇ ଖବର ପ୍ରକାଶ ପରେ ଆର୍‌ଏଣ୍ଡବି ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମୁଖ୍ୟରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରାଯାଇଛି। ଏହି ମୁଖ୍ୟରାସ୍ତାଟିର କାର୍ଯ୍ୟ ଆରମ୍ଭ ହେବାର ଦୀର୍ଘ ମାସ ବିତି ଯାଇଥିଲେ ମଧ୍ୟ ସରିବାର ନାଁ ଧରୁ ନଥିଲା। ଏହି ରାସ୍ତାକୁ ଜିଲ୍ଲାର ଦୁଇଟି ବ୍ଲକ ନନ୍ଦାହାଣ୍ଡି ଏବଂ ତେନ୍ତୁଳଖୁଣ୍ଟି ବ୍ଲକ ସହିତ ଆଗକୁ ଅନ୍ୟ ତିନି ଜିଲ୍ଲା ଯାହାକି କୋରାପୁଟ, ରାୟଗଡ଼ା ଏବଂ କଳାହାଣ୍ଡି ଜିଲ୍ଲାକୁ ଏହି ରାସ୍ତା ସଂଯୋଗ କରୁଛି। ଜିଲ୍ଲାବାସୀ ଏହି ରାସ୍ତା ଉପରେ ଯାତାୟାତ ପାଇଁ ନିର୍ଭର କରୁଥିବା ବେଳେ ରାସ୍ତା ମଝିରେ ଦୁଇ ସ୍ଥାନରେ ଓସାରିଆ ଏବଂ ରାସ୍ତାଠାରୁ ବହୁ ଉଚ୍ଚରେ କଲଭର୍ଟ ନିର୍ମାଣ ହୋଇଛି। ସେହି ସ୍ଥାନରେ ରାସ୍ତାସାରା ମେଟାଲ ପଥର ଉଠି ଯାଇଥିବା ଯୋଗୁଁ ବହୁ ଅସୁବିଧାରେ ଛାତ୍ରଛାତ୍ରୀ ସାଇକଲ ଯୋଗେ ପାଠ ପଢ଼ିବା ପାଇଁ ଆସୁଥିବା ଜନସାଧାରଣ ଯାତାୟତ କରିବାରେ ଯନ୍ତ୍ରଣା ଭୋଗୁଥିଲେ। ରାସ୍ତାର ସମସ୍ୟା ନେଇ ଏକ ଖବର ଦୈନିକ ଖବର କାଗଜ 'ସକାଳ'ରେ ପ୍ରକାଶ ପାଇଥିଲା। କିଛି ମାସ ପରେ ବିଭାଗୀୟ ଅଧିକାରୀ ତଥା ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ମନୋରଞ୍ଜନ ସାହୁଙ୍କ ସହ ଏନେଇ ଯୋଗାଯୋଗ କରିବାରେ, ଏହି ଅଞ୍ଚଳରେ ରାସ୍ତା ନିକଟରେ ରହିଥିବା ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର ପାଇଁ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟକୁ ବାରମ୍ବାର ଚିଠି କରିଥିଲେ କୌଣସି କର୍ଣ୍ଣପାତ କରୁ ନ ଥିବାରୁ ରାସ୍ତା ନିର୍ମାଣ କାର୍ଯ୍ୟରେ ବିଳମ୍ବ ହେଉଥିବା କହିଥିଲେ। ପରେ 'ସକାଳ'ରେ ପୁଣି ଦ୍ୱିତୀୟଥର ପାଇଁ ଉକ୍ତ ରାସ୍ତା ସମସ୍ୟାକୁ ନେଇ ଖବର ପ୍ରକାଶ ପାଇଥିଲା। ଏହାର ଦୀର୍ଘ ଦିନ ପରେ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର କରାଯିବା ସହ କିଛି ସ୍ଥାନରେ ଜବରଦଖଲ ଉଚ୍ଛେଦ କାମ ମଧ୍ୟ ସାରିଥିଲେ। ପରେ କାର୍ଯ୍ୟ ଆରମ୍ଭ କରିଥିଲେ। ଆସନ୍ତା ମାର୍ଚ୍ଚ ୩୦ କିମ୍ବା ଏପ୍ରିଲ ପ୍ରଥମ ସପ୍ତାହ ସୁଦ୍ଧା ପୁରା ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ଆର୍‌ଏଣ୍ଡବି ଯନ୍ତ୍ରୀ ମନୋରଞ୍ଜନ ସାହୁ ପ୍ରତିଶ୍ରୁତି ଦେଇଥିଲେ। ମଙ୍ଗଳବାର ଯନ୍ତ୍ରୀ ଦେଇଥିବା କଥା ରଖିବା ସହ ରାସ୍ତା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିଛନ୍ତି। ଦୀର୍ଘ ଦିନ ପରେ ରାସ୍ତା ନିର୍ମାଣ କାର୍ଯ୍ୟ ସରିବା ପରେ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି। ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ଅଞ୍ଚଳବାସୀ।

## କଥା ରଖିଲେ ବିଭାଗୀୟ ଯନ୍ତ୍ରୀ

# ମହିଳାଙ୍କଠାରୁ ସୁନା ଚେନ୍ ଲୁଟ୍

**ସୁନାବେଡ଼ା, ୯।୪(ସମିସ):** ସୁନାବେଡ଼ା ପୌରାଞ୍ଚଳରେ ଗତ କିଛି ଦିନ ହେଲା ଚୋର ଓ ଲୁଟେରାମାନଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ହାଲ୍ ସହରାଞ୍ଚଳର କ୍ୱାର୍ଟର ନଂ ଆଇ.ବି -୩୨୮ ରେ ରହୁଥିବା ମାମୁନି ପାତ୍ରଙ୍କଠାରୁ ଲୁଟେରାମାନେ ସୋମବାର ସନ୍ଧ୍ୟାରେ ୩୩ ଗ୍ରାମ ଓଜନର ସୁନା ଚେନ୍ ଲୁଟିନେଇଥିବା ଅଭିଯୋଗ ହୋଇଛି। ସନ୍ଧ୍ୟା ସମୟରେ ଟ୍ୟୁସନ ପଢୁଥିବା ପିଲାକୁ ସ୍କୁଟି ଯୋଗେ ଆଣିସାରି ନିଜ ବାସଗୃହ ସମୁଖରେ ମହିଳା ମାମୁନି ପାତ୍ର ଠିଆ ହୋଇଥିଲେ। ଠିକ୍ ସେହି ସମୟରେ ଏକ ମୋଟର ସାଇକଲରେ ହେଲମେଟ ପିନ୍ଧି ଲୁଟେରା ଆସି ଜଣଙ୍କର କ୍ୱାର୍ଟର ନଂ ପଚାରିବା ବାହାନାରେ ତାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ଦ୍ରୁତ ଗତିରେ ଚାଲିଯାଇଥିଲା। ଏନେଇ ସୁନାବେଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୁନାବେଡା ଥାନା ଭାରପ୍ରାପ୍ତ ଅଧିକାରୀ ସତ୍ୟାନନ୍ଦ ପାତ୍ର ଘଟଣା ତଦନ୍ତ କରୁଛନ୍ତି।

■ ଆଇଆଇଟି ପ୍ରବେଶିକା ପରୀକ୍ଷାରେ ସଫଳତା

# ମେଧାବୀ ଗରିବ ଛାତ୍ରଙ୍କୁ ଗୃହରକ୍ଷୀଙ୍କ ଆର୍ଥିକ ସହାୟତା

ମାଥିଲି, ୯।୪(ସମିସ)



ଆଇଆଇଟି ପ୍ରବେଶିକା ପରୀକ୍ଷାରେ ପ୍ରକାଶ ବିଶୋଇ ସଫଳତା ପାଇବା ପରେ ଉଚ୍ଚ ଶିକ୍ଷା ପାଇଁ ସହାୟତାର ହାତ ବଢ଼ାଇଲେ ମାଥିଲି ଥାନା ଗୃହରକ୍ଷୀ କାଶୀନାଥ ଦାଶ। ଉପାନ୍ତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଦଳପତି ଗୁଡା ପଞ୍ଚାୟତ ଦୁରାଗୁଡା ଗ୍ରାମର ପ୍ରକାଶ କୁମାର ବିଶୋଇ। ବହୁ ସଂଘର୍ଷ ପରେ ଅର୍ଥ ଅଭାବ ସତ୍ତ୍ୱେ ୟୁଟ୍ୟୁବର ଶିକ୍ଷା ଗ୍ରହଣ କରି ଆଇଆଇଟି ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୩ ରାଙ୍କ ରଖି ସଫଳତା ପାଇଛନ୍ତି। ଏହି ଖବର ସକାଳ ଦୈନିକ ଖବରକାଗଜରେ ଗତ ମାର୍ଚ୍ଚ ୩୦ ତାରିଖରେ ପ୍ରକାଶ ପାଇବା ପରେ ଗତ ବୁଧବାର ମାଥିଲି ବଡିଓ ଡାକ୍ତର ହିମାଞ୍ଚଳ ମାଝୀଙ୍କ ନିର୍ଦ୍ଦେଶକ୍ରମେ ମାଥିଲି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ମହାରଣାଙ୍କୁ ପଠାଇ ପ୍ରକାଶଙ୍କୁ ମାଥିଲି ବ୍ଲକ କାର୍ଯ୍ୟାଳୟକୁ ଡକାଇ ବିଡିଓ ଶ୍ରୀ ମାଝୀ ସମ୍ବର୍ଦ୍ଧନା ଜଣାଇ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପରେ ମାଲକାନଗିରି ଜିଲ୍ଲାପାଳ ସଚିନ ପାୱାର ମଧ ପ୍ରକାଶଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ଆଇଆଇଟି ନାମଲେଖା ସମୟରେ ୩୦ ହଜାର ଆର୍ଥିକ ସହାୟତା ଯୋଗାଇ ଦିଆଯିବା ସହ ଆଗକୁ ପାଠ ପଢ଼ିବା ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ପାୱାର ପ୍ରକାଶଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶଙ୍କ ଉଚ୍ଚଶିକ୍ଷା ପାଇଁ ମାଥିଲି ଥାନାର ଗୃହରକ୍ଷୀ କାଶୀନାଥ ଦାଶ ୧୦ ହଜାର ଟଙ୍କା ସହାୟତା ରାଶି ବଢ଼ାଇବା ସହିତ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସେଥିପାଇଁ ପ୍ରକାଶ ସକାଳ ଖବରକାଗଜର ସାମ୍ବାଦିକା ଓ ସକାଳ ପରିବାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଚାରି ଗ୍ରାମପଞ୍ଚାୟତର ଆଦିବାସୀ ମେଳି



**ନନ୍ଦପୁର, ୯।୪(ସମିସ):** ନନ୍ଦପୁର ଥାନା ଅନ୍ତର୍ଗତ ଟିକରପଡ଼ା ପଞ୍ଚାୟତ ଟିଂଅକଣ୍ଟା ହାଟପଦାଠାରେ ଟିକରପଡ଼ା, ବନମାଳିପୁଟ, କୁମାର ଗନ୍ଧଣା, ବନମାଳିପୁଟ ପଞ୍ଚାୟତର ଆଦିବାସୀ ସଂଗ୍ରାମୀଙ୍କୁ ନେଇ ଲମତାପୁଟ ଆଦିବାସୀ ଜାଗରଣ ସଂଘର ଜୋନ୍‌ସ୍ତରୀୟ ବୈଠକରେ ୪ଟି ପଞ୍ଚାୟତର ପ୍ରାୟ ୨ ଶହ ଆଦିବାସୀ ବିଭିନ୍ନ ପ୍ରସଂଗରେ ଆଲୋଚନା କରିଛନ୍ତି। ଉପଦେଷ୍ଟା କମିଟି ସଦସ୍ୟ ରାମ ମୁଦୁଲି, ତିଳକ ଗୁଞ୍ଜିଆ ଆୟୋଜନ ଓ ପରିଚାଳନାର ମୁଖ୍ୟ ଦାୟିତ୍ୱ ନେଇଥିଲା ବେଳେ ବାବୁଲା ଜାନି, ସୋନା ଶିଶା, ଭୁବନେଶ୍ୱର ମାଝୀ ସମେତ ଟିକରପଡ଼ା ଓ ବନମାଳୀପୁଟ ସରପଞ୍ଚ ଗୋରା ଜାନୀ ଉପସ୍ଥିତ ଥିଲେ। ବୈଠକରେ ଆଦିବାସୀ ଜାଗରଣ ସଂଘ ସଭାପତି ଉର୍ଦ୍ଧବ ଅଙ୍ଗେଲ, ସମ୍ପାଦକ ଗୋପୀନାଥ ହଞ୍ଜରୀଆ, ସୁବାସ ଶିଶା, ମନୋଜ ମାନ୍ଧିଆ ଅସ୍ଥାୟୀ ପଞ୍ଚାୟତ କମିଟି ଓ ଜୋନ କମିଟି ଗଠନ କରିଥିଲେ। ୧୨ ଜଣିଆ କୋର୍ କମିଟି ଗଠନ କରାଯାଇଥିଲା ବେଳେ ବୈରାଗୀ କିର୍ଷାନୀଙ୍କୁ ସଭାପତି ଓ ଭୁବନେଶ୍ୱର ମାଝୀଙ୍କୁ ସମ୍ପାଦକ ଚୟନ କରାଯାଇଛି।

# ବିଜୁ ଜନତା ଦଳରେ ସାମିଲହେଲେ ଅନ୍ୟ ଦଳର କର୍ମୀ



ମାଲକାନଗିରି, ୯।୪(ସମିସ)

ମାଲକାନଗିରି ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳର ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଡ଼ିଆ ବ୍ଲକ ଝିଲିଗୁଡା ଗ୍ରାମଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ବିଧାୟକ ପ୍ରାର୍ଥୀ ମାନସ ମାଡକାମିଙ୍କ ନେତୃତ୍ୱରେ ମାଟେରୁ ଗ୍ରାମ ପଞ୍ଚାୟତର ୧୫ ଜଣ ବିଜେପି ଓ କଂଗ୍ରେସର କର୍ମୀ ଦଳ ଛାଡି ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ଏହି ଅବସରରେ ପଡ଼ିଆ ବ୍ଲକ ସଭାପତି ଏମ.ଡ଼ି.ଫାରୁକ୍, ଜିଲ୍ଲା ସାଧାରଣ ସମ୍ପାଦକ ସି.ଏଚ.ରାଭିଟଙ୍କ ସହ ପଞ୍ଚାୟତ ସଭାପତି, ସରପଞ୍ଚ ଦଳିୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପଟ୍ଟାଙ୍ଗି କଂଗ୍ରେସ ପ୍ରାର୍ଥୀଙ୍କୁ ବିରୋଧ; ପରିବର୍ତ୍ତନ ପାଇଁ ଶୋଭାଯାତ୍ରା

ସେମିଳିଗୁଡ଼ା, ୯।୪(ସମିସ)

କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ପରିବର୍ତ୍ତନ କରିବା ପାଇଁ ଜନସମାବେଶ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଛି। ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀର ଯୁବ କଂଗେସ କମିଟି ନେତୃତ୍ୱରେ ସେମିଳିଗୁଡ଼ା ବ୍ଲକର ସୁବାଇ ହାଟପଦାଠାରେ ଅନୁଷ୍ଠିତ ଏହି ସମାବେଶରେ ଉପସଭାପତି ଜିଲ୍ଲା କଂଗ୍ରେସ ସାମ୍ବା ପାଙ୍ଗି, ଜିଲ୍ଲା ସାଧାରଣ ସମ୍ପାଦକ ଗୋପାଳ ମାଟମ, ପଟ୍ଟାଙ୍ଗି ଯୁବ ସଭାପତି ଜଗଦୀଶ ବାଘ, ଛାତ୍ର ସଭାପତି ଡମ୍ବରୁ ଗୁଣ୍ଠା, ନନ୍ଦପୁର ବ୍ଲକ ସଭାପତି ଦେବେନ୍ଦ୍ର ଖେମୁଣ୍ଡୁ, ନେତା ଅଶୋକ କନ୍ଦପାନ, ଆପାରାଓ ପଡ଼ାସେଠୀ, ଡାଉଦ ଖାନ, ଚନ୍ଦ୍ର ସାଉଁନ୍ତା, ଅଭି ସାଉଁନ୍ତା, ବିଜୟ ଖସଲା, ମୋହନ ଜାନି, ରବି ଗୁଣ୍ଠା, ମିହିର କୁଲଦୀପ, ଯୋଶଦା ଖିଲ, ଅନ୍ତର୍ଯ୍ୟମୀ ଗୁଣ୍ଠା, ଡାନିଏଲ୍ ବାଙ୍କା, ବି ପ୍ରସାଦ, ତୁମନାଥ ପଡ଼ାଲ, ତ୍ରିନାଥ, ମହେନ୍ଦ୍ର ରାଉତ, ସିଲମଣି ବେନ୍ୟା, ପ୍ରମିଳା, ମଧୁ ମୁଦୁଲି, ସମନାଥ ବାଡମ, ସୀମା ନାୟକ, ଅତରୁ ଜାନି, ମଧୁ ଖେମୁଣ୍ଡୁ, ସଞ୍ଜୀବ ଖରା ଏବଂ ଜନସାଧାରଣ ଟିକେଟ ପରିବର୍ତ୍ତନ କରିବାକୁ ଦାବି କରିଥିଲେ।

କଂଗ୍ରେସ ଦଳ ଦ୍ୱାରା ବିଧାୟକ ପ୍ରାର୍ଥୀ ଭାବେ ରାମ କାଡାମଙ୍କୁ ଯେଉଁ ଟିକେଟ ଦିଆଯାଇଛି ତା'ର ପ୍ରତିବାଦ ସ୍ୱରୂପ ବିରୋଧ କରାଯାଇଥିଲା। ସେମାନେ ଜିଲ୍ଲା ସଭାପତି, ଜୟପୁର ବିଧାୟକ ଏବଂ କୋରାପୁଟ ସାଂସଦଙ୍କୁ ଅବଗତ କରିଥିଲେ; କିନ୍ତୁ କୌଣସି ପଦକ୍ଷେପ ନେଲେ ନାହିଁ। ଏଣୁ ସମସ୍ତ ବରିଷ୍ଠ କର୍ମୀ, ଦଳୀୟ ସଦସ୍ୟ କଂଗ୍ରେସ ପ୍ରେମୀମାନଙ୍କୁ ଜନସମାବେଶ ମାଧ୍ୟମରେ ପିସିସିଙ୍କୁ ଅନୁରୋଧ କରାଯାଇଛି। ଏକ ସପ୍ତାହ ମଧ୍ୟରେ କଂଗ୍ରେସ ଟିକେଟ ପରିବର୍ତ୍ତନ ନ କଲେ କଂଗ୍ରେସ ଭବନ ଘେରଉ କରିବା ସହ କଂଗ୍ରେସକୁ ସମୂହ ଇସ୍ତଫା ଦେବା ପାଇଁ କୁହାଯାଇଛି। ନିର୍ବାଚନରେ ସାମ୍ବା ପାଙ୍ଗି ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିବା ପାଇଁ ସ୍ଥିର କରାଯାଇଛି। ଟିକେଟକୁ ନେଇ ଜୋର୍‌ଦାର୍ ବିରୋଧ ସ୍ୱର ଶୁଣାଯାଇଛି। ଏହି ଅବସରରେ ପ୍ରାର୍ଥୀ ପରିବର୍ତ୍ତନ ଦାବିରେ ଏକ ଶୋଭାଯାତ୍ରା କରିଥିଲେ।



# ଏକଲବ୍ୟ ବିଦ୍ୟାଳୟରେ ସିବିଏସ୍‌ଇ ତାଲିମ



ପଟ୍ଟାଙ୍ଗି, ୯।୪(ସମିସ): କୁନ୍ଦୁଲି ନିକଟସ୍ଥ ପୁଙ୍ଗାର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ସିବିଏସ୍‌ଇ ଭୁବନେଶ୍ୱର ପକ୍ଷରୁ ଷ୍ଟ୍ରେସ ମେନେଜମେଣ୍ଟ ବିଷୟରେ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ତଥା ଭେନ୍ୟୁ ଡାଇରେକ୍ଟର ପ୍ରଣବ କିଶୋର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଶାଧନ ବ୍ୟକ୍ତି ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ଦିଲ୍ଲୀ ପବ୍ଲିକ୍ ସ୍କୁଲ ଦାମନଯୋଡିର ଗଣିତ ବିଭାଗ ଅଧାପକ ଅନିଲ ପଟ୍ଟନାୟକ ଓ ସତ୍ୟଭାମାପୁର ବକ୍ସି ଜଗବନ୍ଧୁ ଇଂଲିଶ ମିଡ଼ିଅମ୍ ସ୍କୁଲର ଇଂରାଜୀ ଅଧାପିକା ଶିକ୍ଷାବିତ୍ ଡ. ଶୁଭଶ୍ରୀ ଦାସ ଯୋଗ ଦେଇଥିଲେ। କୋରାପୁଟ ଜିଲ୍ଲାର ବିଭିନ୍ନ ସିବିଏସ୍‌ଇ ବିଦ୍ୟାଳୟରୁ ୫୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ତାଲିମ କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

## ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ

# ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା, ସମୂହ ପ୍ରାର୍ଥନା



**ଜୟପୁର, ୯।୪ (ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରର ସୂର୍ଯ୍ୟ ମହଲଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଦୀପ ପ୍ରଜ୍ୱଳନ ସହ ଚୈତ୍ର ଶୁକ୍ଳ ପ୍ରତିପଦା ପବିତ୍ର ହିନ୍ଦୁ ନବବର୍ଷ ପାଳନ କରାଯାଇଛି। ମୁଖ୍ୟବକ୍ତା ଡ. ମନୋରଞ୍ଜନ ପ୍ରଧାନ, ମୁଖ୍ୟଅତିଥି ଭାବେ ପ୍ରଦୀପ କୁମାର ନାୟକ (ମୁନା), ନଗର ସଂଘ ଚାଳକ ଡ. ନିରଞ୍ଜନ ମିଶ୍ର ଓ ସଂଘର କାର୍ଯ୍ୟକର୍ତ୍ତା ମୁଖ୍ୟ ଶିକ୍ଷକ ମୁକୁନ୍ଦ ଭାଇ ପ୍ରାର୍ଥନା ଗାନ କରିଥିଲେ। ସଂକଳ୍ପ ସହ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

**ତେନ୍ତୁଳିଖୁଣ୍ଟି:** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଉପଲକ୍ଷେ ଏକାଧିକ ସ୍ଥାନରେ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ହିନ୍ଦୁ ପରିଷଦ ଏବଂ ରାମ ସେନାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶୋଭାଯାତ୍ରା ଇନ୍ଦ୍ରାବତୀ କଲେଜ ଛକଠାରୁ ବାହାରି କହ୍ନେଇମୁଣ୍ଡା ଅଭିମୁଖେ ଯାତ୍ରା କରିଥିଲା। ଅନ୍ୟ ଏକ ବାଇକ ଶୋଭାଯାତ୍ରା ତେନ୍ତୁଳିଖୁଣ୍ଟିରୁ ବାହାରି କହ୍ନେଇମୁଣ୍ଡାରେ ପହଞ୍ଚିଥିଲା। ପରେ ଉଭୟ ରାଲି ମିଳିତ ଭାବରେ ନଗର ପରିକ୍ରମା କରିବା ସହ ଲମତାଗୁୟଡ଼ାସ୍ଥିତ ରାମ ମନ୍ଦିର ପରିସରରେ ଏକତ୍ରିତ ହୋଇ ପ୍ରସାଦ ସେବନ କରିଥିଲେ।

**ବୋରିଗୁମ୍ମା:** କୋରାପୁଟ ଜିଲ୍ଲା ବୋରିଗୁମ୍ମାସ୍ଥିତ ଜଗନ୍ନାଥ ମନ୍ଦିରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଦ୍ୱାରା ମଙ୍ଗଳବାର ସ୍ୱାଭିମାନର ସହିତ ଜିଇଁବା -ଆମ ସଂସ୍କୃତିକୁ ଭଲପାଇବା ଓ ଆମ ନବବର୍ଷକୁ ଆମେ ପାଳିବା ଲକ୍ଷ୍ୟ ନେଇ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଏବଂ ତେଲୁଗୁ ସମ୍ପ୍ରଦାୟର ଉଗାଦି ଉତ୍ସବ ପାଳିତ ହୋଇଯାଇଛି। ସକାଳୁ ପ୍ରତ୍ୟେକଟି ଘର ସମ୍ମୁଖରେ ଝୋଟି ଓ ମୁରୁଜରେ ସଜେଇ ପୂର୍ଣ୍ଣ କୁମ୍ଭ ସ୍ଥାପନ କରି ଦୀପ ଜଳେଇ ନବବର୍ଷକୁ ସ୍ୱାଗତ କରାଯାଇଥିଲା। ଘର ଉପରେ ଧ୍ୱଜ ସ୍ଥାପନ କରାଯାଇଥିଲା। ପରେ ପରସ୍ପର ମଧ୍ୟରେ ଶୁଭେଚ୍ଛା ଜଣାଇବା ସହ ରାଷ୍ଟ୍ରୀୟ ନବବର୍ଷର ଅଭିନନ୍ଦନ ଜଣାଇଥିଲେ। ବୈଦିକ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ରାଜେନ୍ଦ୍ର ମାଦଲା ଯୋଗ ଦେଇଥିଲେ। ମଧ୍ୟାହ୍ନରେ ସଂଘ ତରଫରୁ ଜଗନ୍ନାଥ ମନ୍ଦିରରେ ଗ୍ରାମବାସୀଙ୍କ ସକାଶେ ଅନ୍ନ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବୋରିଗୁମ୍ମା ତରଫରୁ ଲିଲୁ ବିଶ୍ୱାଳ, ହରି ମେହେର, କବିବର ନୟାଲ, ନରେନ୍ଦ୍ର କୁମାର, ଗୁପ୍ତେଶ୍ୱର ସାହୁ, ପ୍ରଫୁଲ୍ଲ ଦଣ୍ଡସେନା, ରାଜସିଂ ଓ ମୃତ୍ୟୁଞ୍ଜୟ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।





